## ସଂକ୍ଷେପରେ

### ସରକାରୀ ଫଳକରେ ତ୍ରୁଟି

ଛତିଆ,୨୪।୧୨(ଡି.ଏନ୍.ଏ): ଯାଜପୁର ଜିଲା ଜଳ ଓ ପରିମଳ ମିଶନ ତରଫରୁ ଯେଉଁ ଗ୍ରାମ ବାହ୍ୟମଳମୁକ୍ତ, ତାକୁ ବାହ୍ୟମଳମୁକ୍ତ ଗ୍ରାମ ବୋଲି ଘୋଷଣା କରାଯାଇଥାଏ। ଆଉ ସେଠାରେ ଜିଲା ଜଳ ପରିମଳ ମିଶନ୍ ତରଫରୁ ଏସମ୍ପର୍କରେ ସ୍ୱତନ୍ତ୍ର ଫଳକ ଲଗାଯାଇଥାଏ। ଏହିପରି ଏକ ଫଳକ ଦେଖିବାକୁ ମିଳିଛି ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଛତିଆ ନିକଟସ୍ଥ ନେଳିଆ ଗ୍ରାମରେ। ଉକ୍ତ ଗ୍ରାମରେ 'ବାହ୍ୟ ମଳମୁକ୍ତ ଗ୍ରାମ ନେଳିଆ ଆପଣଙ୍କୁ ସ୍ୱାଗତ କରୁଛି। ଆମ ଗାଁ କୁ ସ୍ୱଚ୍ଛ ରଖିବା ପାଇଁ ପ୍ରତିବଦ୍ଧ ଅଟୁ। ବାହ୍ୟ ମଳମୁକ୍ତ ଘୋଷଣା ତାରିଖ, ସୌଜନ୍ୟ- ଜିଲା ଜଳ ଓ ପରିମଳ ମିଶନ, କେନ୍ଦ୍ରାପଡ଼ା' ବୋଲି ଫଳରେ ଉଲ୍ଲେଖ ରହିଛି। ହେଲେ ଉକ୍ତ ଫଳକରେ ବାହ୍ୟମଳମୁକ୍ତ ଘୋଷଣା ତାରିଖ ପଡିନାହିଁ। ଏତଦ୍‌ବ୍ୟତିତ ଯାଜପୁର ଜିଲା ପରିବର୍ତ୍ତେ କେନ୍ଦ୍ରାପଡ଼ା ବୋଲି ଉଲ୍ଲେଖ ରହିଛି। ଉକ୍ତ ଫଳକକୁ ଲଗାଇବା ପୂର୍ବରୁ ଅଫିସରମାନେ ଯାଞ୍ଚ କରି ନ ଥିବା ଜଣାପଡୁଛି। ଆଉ ଯଦି ଯଦି ଯାଞ୍ଚ କରିଛନ୍ତି ତେବେ ଏତେବଡ଼ ଭୁଲ ହେଲା କିପରି ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଏପରି ଭୁଲକୁ ତୁରନ୍ତ ସଂଶୋଧନ କରି ନୂଆ ଫଳକ ଲଗାଇବା ସହିତ ତ୍ରୁଟି କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଦଶମ ବାର୍ଷିକ ବିଶ୍ୱଶାନ୍ତି ଚଣ୍ଡୀଯଜ୍ଞ

ରତ୍ନଗିରି,୨୪।୧୨(ଡି.ଏନ୍.ଏ.): ବରୀ ବ୍ଲକ ଅଧୀନସ୍ଥ ବାଲିବିଲିସ୍ଥିତ ବଜ୍ରମହାକାଳୀ ପୀଠରେ ଦଶମବାର୍ଷିକ ବିଶ୍ୱଶାନ୍ତି ଚଣ୍ଡୀଯଜ୍ଞ ମଙ୍ଗଳବାର ଆରମ୍ଭ ହୋଇଛି। ଏହି ଯଜ୍ଞ ୩ଦିନ ଧରି ଚାଲିବ। ଯଜ୍ଞ କାର୍ଯ୍ୟର ବିଧି ଅନୁଯାୟୀ ପ୍ରଥମ ଦିନରେ କଳସଯାତ୍ରା, ଅଙ୍କୁରାରୋପଣ, ଦ୍ୱିତୀୟ ଦିନରେ ସୂର୍ଯ୍ୟପୂଜା, ଧେନୁପୂଜା,ଯଜ୍ଞକାର୍ଯ୍ୟ ଓ ସଙ୍କୀର୍ତ୍ତନ, ତୃତୀୟ ଦିନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବାଲିବିଲି ଗ୍ରାମର ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞ କାର୍ଯ୍ୟକ୍ରମ ଚାଲିଛି। ବରୀ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗଦେଉଥିବାର ଦେଖିବାକୁ ମିଳିଛି। ଉକ୍ତ ଯଜ୍ଞ କାର୍ଯ୍ୟକ୍ରମ ଏକ ନିଆରା ଢଙ୍ଗରେ ପାଳନ କରାଯାଉଥିବାରୁ ଦୀର୍ଘ ୧୦ବର୍ଷଧରି ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ବହୁ ଉତ୍ସାହ ପରିଲକ୍ଷିତ ହେଉଛି। ବସୁଦେବ ସାମଲ, ଗୁରୁଚରଣ ପଢିହାରୀ, ଧନେଶ୍ୱର ଜେନା, ପ୍ରଫୁଲ୍ଲ ପଢିହାରୀ ଓ ଚକ୍ରଧର ପଢିହାରୀ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

### ବରିଷ୍ଠ ନାଗରିକ ମଞ୍ଚ ବୈଠକ

କୋରେଇ, ୨୪।୧୨ (ସ୍ୱ.ପ୍ର.): ପାଣିକୋଇଲି ଅଞ୍ଚଳର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ବୈଠକ ସ୍ଥାନୀୟ ମା'ତାରଣୀ ବାଳିକା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ବିବରଣୀ ଉପସ୍ଥାପନା କରିବା ସହ ଆଗମୀ ବର୍ଷର ପ୍ରସ୍ତାବିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ରାଜପଥ ପାର୍ଶ୍ୱରେ ମହାତ୍ମା ଗାନ୍ଧୀ ଓ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନା ପ୍ରସ୍ତାବ ଉପରେ ରାଜପଥ ପ୍ରାଧିକରଣ ଅଧିକାରୀଙ୍କ ଅନୁମତି ନେବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ପାଣିକୋଇଲି ଥାନା ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିବା ବେଳେ କୋରାଇ ଓ ଯାଜପୁର ସଦର ଥାନା ପକ୍ଷରୁ ବିଳମ୍ବ କରାଯାଉଥିବାରୁ କ୍ଷୋଭପ୍ରକାଶ ପାଇଥିଲା। ଏ ନେଇ ସମ୍ପୃକ୍ତ ଥାନାଧିକାରୀଙ୍କ ଦୃଷ୍ଟି ଗୋଚର କରିବାକୁ ନିଷ୍ପତ୍ତି ହୋଇଥିଲା।

## ପ୍ୟାକ୍ସ ମହାଦୁର୍ନୀତି ଉପରେ କାର୍ଯ୍ୟାନୁଷ୍ଠାନ

# ମାର୍କଣ୍ଡପୁର ପ୍ୟାକ୍ସ ସହସମ୍ପାଦକ ବହିଷ୍କୃତ

**ଧରିତ୍ରୀର ପ୍ରଭାବ**

- ପ୍ୟାକ୍ସ ପରିଚାଳନା ପରିଷଦର ବୈଠକରେ ନିଷ୍ପତ୍ତି
- ୨କର୍ମଚାରୀ, ୪ ଚାଷୀଙ୍କ ନାମରେ ହେବ ମାମଲା

ଯାଜପୁର ଅଫିସ,୨୪।୧୨

ଯାଜପୁର ଜିଲା ମାର୍କଣ୍ଡପୁର ପ୍ରାଥମିକ କୃଷି ସେବା ସମବାୟ ସମିତି(ପ୍ୟାକ୍ସ)ରେ ହୋଇଥିବା ମହାଦୁର୍ନୀତି ଅଭିଯୋଗ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସମବାୟ ସମିତି ନିବନ୍ଧକ (ଆର୍‌ସିଏସ୍)ଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ମାର୍କଣ୍ଡପୁର ପ୍ୟାକ୍ସ ପରିଚାଳନା ପରିଷଦର ବୈଠକରେ ପୂର୍ବତନ ଡାଟା ଏଣ୍ଟ୍ରି ଅପରେଟର ତଥା ବର୍ତ୍ତମାନର ସହସମ୍ପାଦକ ବିକ୍ରମ୍‌ଜିତ ଜେନାଙ୍କୁ ଚାକିରିରୁ ବହିଷ୍କାର କରିବାକୁ ରିଜୋଲ୍ୟୁଶ(ସଂକଳ୍ପ) ପାରିତ ହୋଇଛି। ଏହାସହ ପୂର୍ବତନ ସମ୍ପାଦକ ନବକିଶୋର ପରିଡ଼ା ଓ ସହସମ୍ପାଦକ ଜେନାଙ୍କ ସମେତ ଏକ ପରିବାରର ସମ୍ପୃକ୍ତ ୪ଜଣ ଚାଷୀ ଦିଲୀପ କୁମାର ରାଉତ, କବିତା ରାଉତ, ଦୀପକ ରାଉତ ଓ ତପନ ରାଉତଙ୍କ ନାମରେ ଥାନାରେ ମାମଲା ରୁଜୁ କରିବାକୁ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟାନୁଷ୍ଠାନ ଦ୍ୱାରା ଧାନ କିଣାବିକାରେ ଦୀର୍ଘ ୪ବର୍ଷର ହେରାଫେରିର ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡିଛି। ଏହି ହେରାଫେରି ସଂକ୍ରାନ୍ତରେ ହାଇକୋର୍ଟରେ ମାମଲା ରୁଜୁ ଏବଂ ଆର୍‌ସିଏସରେ ବିଚାର ହେବା ଆରମ୍ଭରୁ ଧରିତ୍ରୀରେ ନିୟମିତ ଭାବେ ଖବର ପ୍ରକାଶ ହେବା ପରେ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଥିବା ମତପ୍ରକାଶ ପାଇଛି।

ଯାଜପୁର ଜିଲା ସଦର ବ୍ଲକ ଅନ୍ତର୍ଗତ ମାର୍କଣ୍ଡପୁର ପ୍ୟାକ୍ସରେ ଧାନ କିଣାବିକାରେ ହୋଇଥିବା ବ୍ୟାପକ ଅନିୟମିତତା ଓ ଅର୍ଥ ଆତ୍ମସାତ ହୋଇଥିବା ନେଇ ମାର୍କଣ୍ଡପୁର ଗ୍ରାମର ରାମଚନ୍ଦ୍ର ଜେନା, ପ୍ରଫୁଲ୍ଲ କୁମାର ଦ୍ୱିବେଦୀ ଓ ଦୁଲୀପ କୁମାର ମହାପାତ୍ର, କମଳପୁର ଗ୍ରାମର ଦୟାନିଧି ସାହୁ ଓ ଚୌଧୁରୀ ସତ୍ୟସୁନ୍ଦର ମହାପାତ୍ର ଯାଜପୁର ଜିଲାପାଳଙ୍କ ସମେତ ରାଜ୍ୟ ସମବାୟ ସମିତିର ନିବନ୍ଧକ, ଏଆର୍‌ସିଏସ, ସମବାୟ ମନ୍ତ୍ରୀ ପ୍ରମୁଖଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ସେତେବେଳେ ତଦନ୍ତ ହୋଇଥିଲା। ହେଲେ ତଦନ୍ତ ରିପୋର୍ଟକୁ ଜିଲା ପ୍ରଶାସନ ପକ୍ଷରୁ ସେତେବେଳେ ଚପାଇ ଦିଆଯାଇଥିଲା। ଜିଲା ପ୍ରଶାସନ ପାଖରୁ ନ୍ୟାୟ ନ ପାଇ ଅଭିଯୋଗକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଅନୁସାରେ ହାଇକୋର୍ଟରେ ଡବ୍ଲ୍ୟୁପି(ସି)/୧୪୨୩୧/୨୦୧୮ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ଏହାପରେ ହାଇକୋର୍ଟ ପକ୍ଷରୁ ୧୫।୪।୨୦୧୯ତାରିଖରେ ଆରସିଏସ୍‌ଙ୍କୁ ଆବଶ୍ୟକ ତଦନ୍ତ କରି ୬ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଇତିମଧ୍ୟରେ ପର୍ଯ୍ୟାୟକ୍ରମେ ଏକାଧିକ ଶୁଣାଣି ଶେଷ ହୋଇଥିଲା। ହେଲେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ଗତ ସେପ୍ଟେମ୍ବର ମାସର ଶୁଣାଣିରେ ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ) ଓ ଦୁଇ ପୂର୍ବତନ ସମ୍ପାଦକ ଏବଂ ଡିଇଓଙ୍କ ଲିଖିତ ବିବୃତି ପରେ କିଛିଟା ନିଷ୍କର୍ଷ ବାହାରିବାର ଆଶା କରାଯାଉଥିଲା। ଆର୍‌ସିଏସ୍‌ଙ୍କ ନିର୍ଦ୍ଦେଶ ମୁତାବକ ହୋଇଥିବା ତଦନ୍ତରେ ୨୦୧୫-୧୬ ଖରିଫ ଧାନକିଣାରେ ଏକ ପରିବାରର ୪ଜଣ ଚାଷୀଙ୍କ ନାମରେ ୧୧୬୨ କୁଇଣ୍ଟାଲ ଧାନ କିଣା ହୋଇଥିଲା। ଏଥିରେ ମାର୍କଣ୍ଡପୁର ମହାପୁରୁଷ ମଣିଦାସ ବିଦ୍ୟାପୀଠରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟରତ ଦିଲୀପ କୁମାର ରାଉତଙ୍କ ନାମରେ ୨୯୬.୩୯ କୁଇଣ୍ଟାଲ, ତାଙ୍କ ପତ୍ନୀ କବିତା ରାଉତଙ୍କ ନାମରେ ୨୭୦ କୁଇଣ୍ଟାଲ ଏବଂ ଦୁଇପୁଅ ଦୀପକ କୁମାର ରାଉତଙ୍କ ନାମରେ ୨୯୬.୧୯ କୁଇଣ୍ଟାଲ ଓ ତପନ କୁମାର ରାଉତଙ୍କ ନାମରେ ୩୦୦ କୁଇଣ୍ଟାଲ ଧାନ କିଣା ହୋଇଥିଲା। ତେବେ ଚାଷ ଜମି ଅନୁସାରେ ବାସ୍ତବରେ ଏହି ୪ଜଣ ଚାଷୀଙ୍କ ନାମରେ ୨୪୫.୫୮ କୁଇଣ୍ଟାଲ ଧାନ କିଣାଯିବା କଥା। ଏଥିରୁ ୯୧୭ କୁଇଣ୍ଟାଲ ଧାନ ଜାଲ କାଗଜପତ୍ର ଓ ହେରାଫେରି କରି ଅଧିକ ଧାନ ଦର୍ଶାଇ ଏହାର ଅର୍ଥକୁ ଆତ୍ମସାତ ହୋଇଥିଲା। ତେବେ ମଙ୍ଗଳବାର ବୈଠକରେ ପ୍ୟାକ୍ସ ପରିଚାଳନା ପରିଷଦର ସଭାପତି ବିଜୟ କୁମାର ବିଶ୍ୱାଳ, ମ୍ୟାନେଜର ନାରାୟଣଚନ୍ଦ୍ର ପୃଷ୍ଟି, ନିର୍ବାହୀ ଅଧିକାରୀ ବ୍ରଜାନନ୍ଦ ମହାପାତ୍ର ଓ ସମ୍ପାଦକ ଭକ୍ତମାଧବ ନାୟକ ଉପସ୍ଥିତ ଥିଲେ। ଏହି ରିଜୋଲ୍ୟୁଶନର ୭ଦିନ ମଧ୍ୟରେ ଥାନାରେ ମାମଲା ରୁଜୁ କରାଯିବ ବୋଲି ସମ୍ପାଦକ ନାୟକ ସୂଚନା ଦେଇଛନ୍ତି।

### ରାଜ୍ୟସ୍ତରୀୟ ମହୋତ୍ସବରେ ଛାତ୍ରୀଙ୍କ କୃତିତ୍ୱ



ରସୁଲପୁର, ୨୪।୧୨ (ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅଧୀନ ବାରବାଟୀ ପଞ୍ଚାୟତ ଓଡ଼ଙ୍ଗସ୍ଥିତ ବିବେକାନନ୍ଦ ଶିକ୍ଷା ନିକେତନର ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ସୌନ୍ଦର୍ଯ୍ୟା ପ୍ରିୟଦର୍ଶିନୀଙ୍କୁ ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବରେ ପୁରସ୍କୃତ କରାଯାଇଛି। ଗତ ୧୭ତାରିଖରେ ସାମାଜିକ ଓ ଶିଶୁ ମଙ୍ଗଳ ଉନ୍ନୟନ କେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ କେନ୍ଦ୍ରସ୍ତରୀୟ ୨୨ତମ ରାଜ୍ୟସ୍ତରୀୟ ଶିଶୁ ବିକାଶ ବୃତ୍ତି ପରୀକ୍ଷାରେ ସୌନ୍ଦର୍ଯ୍ୟା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିମାନେ ସୌନ୍ଦର୍ଯ୍ୟାଙ୍କୁ ମାନପତ୍ର ଓ ପଦକ ଦେଇ ସମ୍ମାନିତ କରିଥିଲେ।

## ଜିଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳା ଉଦ୍‌ଘାଟିତ

# ନିମନ୍ତ୍ରଣ ସତ୍ତ୍ୱେ ଯୋଗଦେଲେନି ବିଧାୟକ, ଏମ୍‌ପି



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

- ବିଳମ୍ବରେ ପହଞ୍ଚି ମେଳା ଉଦ୍‌ଘାଟନ କଲେ ଜିଲାପାଳ

ରସୁଲପୁର, ୨୪।୧୨ (ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅଧୀନ କୁଆଖିଆ ବଜାରର ଅଭିମନ୍ୟୁ ସାମନ୍ତ ସିଂହାର ଭବନ ପରିସରରେ ମଙ୍ଗଳବାର ଜିଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଏଠାରେ ବହୁ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ବି ପ୍ରଶାସନିକ ଅଧିକାରୀମାନେ ବହୁ ବିଳମ୍ବରେ ପହଞ୍ଚି ଥିଲେ। ମେଳାକୁ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଉଦ୍‌ଘାଟନ କରିବାର ଥିଲା। ମାତ୍ର ସେ ନ ଆସିବାରୁ ବହୁ ବିଳମ୍ବରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ପ୍ରଦର୍ଶନୀ ସ୍ଥଳରେ ପହଞ୍ଚି ମେଳାକୁ ଉଦ୍‌ଘାଟନ କରିଥିଲେ। ସେହିପରି ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ବିଧାୟକ ଅମର ପ୍ରସାଦ ଶତପଥୀ, ପ୍ରଣବ ପ୍ରକାଶ ଦାସ, ପ୍ରତିରଞ୍ଜନ ଘଡ଼ାଇ, ଅଶୋକ କୁମାର ବଳ, ସୁନନ୍ଦା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ମାତ୍ର ଏମାନଙ୍କ ମଧ୍ୟରୁ ଜଣେ ବି ଉଦ୍‌ଘାଟନୀ ଅବସରରେ ଯୋଗଦେଇ ନ ଥିଲେ। ଏପରିକି ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବସନ୍ତ କୁମାର ଦାସ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିଲେ। ଶେଷରେ ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତେବେ ନେତା ଓ ପ୍ରଶାସନିକ ଅଧିକାରୀଗଣ ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ନ ଦେବା ଘଟଣା ହସ୍ତଶିଳ୍ପୀମାନଙ୍କୁ ନିରାଶ କରିଥିଲା। ଏ ସମ୍ପର୍କରେ କଳିଙ୍ଗନଗରର-ଜଗତପୁର ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ବେହେରାଙ୍କୁ ପଚାରିବାରେ, ସମସ୍ତଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସମସ୍ତେ ସ୍ୱୀକୃତି ଦେବାପରେ କାର୍ଡ ମଧ୍ୟ ଛପା ଯାଇଥିଲା। ଏହାସତ୍ତ୍ୱେ ଯଦି କେହି ନ ଆସିବେ, ସେ କିଛି କରିପାରିବେ ନାହିଁ ବୋଲି କହିଛନ୍ତି।

## ଜିଲାସ୍ତରୀୟ ଜାତୀୟ ଖାଉଟି ଦିବସ

ଯାଜପୁର ଅଫିସ,୨୪।୧୨

ଯାଜପୁର ଜିଲାସ୍ତରୀୟ ଜାତୀୟ ଖାଉଟି ଦିବସ ମଙ୍ଗଳବାର ପୂର୍ବାହ୍ନରେ ଆଙ୍କୁଲାସ୍ଥିତ କଫି ସମ୍ମିଳନୀ ଗୃହରେ ପାଳିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି, ଜିଲା ଆଇନ ପ୍ରାଧୀକରଣ ସମ୍ପାଦକ ପ୍ରଦୀପ କୁମାର ବେହେରା, ସ୍ଥାୟୀ ଲୋକଅଦାଲତର ଅଧ୍ୟକ୍ଷ ଅବସରପ୍ରାପ୍ତ ବିଚାରପତି ଅମୀୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଆଇନରେ ଅନେକ ବ୍ୟବସ୍ଥା ରହିଥିଲେ ମଧ୍ୟ ଯଦି ବ୍ୟକ୍ତି ନିଜେ ସଚେତନ ନ ହେବ ତେବେ ତାହାର ସୁଫଳ ପାଇପାରିବ ନାହିଁ ବୋଲି କହିବା ସହ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଖାଉଟି ବିବାଦ ସମାଧାନ ଫୋରମ ସଦସ୍ୟା ସ୍ମିତା ରାୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସହକାରୀ ଯୋଗାଣ ଅଧିକାରୀ ପ୍ରହଲ୍ଲାଦ ସେଠୀ ପ୍ରମୁଖ ଖାଉଟି ସୁରକ୍ଷା, କର୍ତ୍ତବ୍ୟ ଓ ଅଧିକାର ପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ କଫିର ସମ୍ପାଦକ ହୃଷୀକେଶ ପଣ୍ଡା ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶେଷରେ ବୈଧ ଓ ଓଜନ ମାପ ବିଭାଗର ଜିଲା ମୁଖ୍ୟ ଜ୍ଞାନରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ଜିଲାସ୍ତରୀୟ ଖାଉଟି ଦିବସ ପାଳନ ଉତ୍ସବରେ ଉପସ୍ଥିତ ଅତିଥି।

# ସିଏଏକୁ ବିରୋଧକରି ହେବ ପ୍ରତିବାଦ ସଭା

ଚଣ୍ଡିଖୋଲ,୨୪।୧୨(ଡି.ଏନ୍.ଏ)

କେନ୍ଦ୍ର ସରକାର ନିକଟରେ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ଦେଶରେ ପ୍ରଚଳନ କରିବାକୁ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାକୁ ବିରୋଧ କରି ଆସନ୍ତା ଗୁରୁବାର ଏକ ପ୍ରତିବାଦ ସଭା ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳଠାରେ ଅନୁଷ୍ଠିତ ହେବ ବୋଲି ଆଞ୍ଚଳିକ ସଚେତନ ନାଗରିକ ମଞ୍ଚ ଖବରଦାତା ସମ୍ମିଳନୀ ଜରିଆରେ ଘୋଷଣା କରିଛି। ମଙ୍ଗଳବାର ଚାରିନଙ୍ଗଳ ବଜାରଠାରେ ଏ ସମ୍ପର୍କରେ କମିଟିର



ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳଠାରେ ଆୟୋଜିତ ଖବରଦାତା ସମ୍ମିଳନୀ।

ସଦସ୍ୟମାନେ ସୂଚନା ଦେଇଛନ୍ତି। ଏହା ଏକ ବିବାଦୀୟ ଆଇନ। ଯଦ୍ୱାରା ଭାରତ ବର୍ଷରେ ଭାଇଚାରାର ସମ୍ପର୍କ ନଷ୍ଟ ହେବ ବୋଲି ପ୍ରକାଶ କରିଛନ୍ତି। ପୂର୍ବତନ ଜିଲା ପରିଷଦ ସଭ୍ୟ ଅଜୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ସରକାର ଏହି ଆଇନ ବଳରେ ସମ୍ବିଧାନକୁ ବଦଳାଇବାକୁ ଚେଷ୍ଟା କରୁଛନ୍ତି। ଭାରତ ଏକ ଧର୍ମନିରପକ୍ଷ ରାଷ୍ଟ୍ର ହୋଇଥିଲା ବେଳେ ଏହି ଆଇନ ଏହାର ଏକତା ଓ ଅଖଣ୍ଡତାକୁ ନଷ୍ଟ କରିବ ବୋଲି ଖବରଦାତା ସମ୍ମିଳନୀରେ ମତପ୍ରକାଶ ପାଇଛି। ଏହାର ପ୍ରତିହତ କିଭଳି କରାଯାଇପାରିବ ସେଥିପାଇଁ ଶାନ୍ତିପୂର୍ଣ୍ଣ ଉପାୟରେ ଏକ ପ୍ରତିବାଦ ସଭା କରାଯାଇ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

## ସ୍ୱଚ୍ଛତା ସଭିଙ୍କ ପାଇଁ ଜରୁରୀ: ଜିଲାପାଳ

ଯାଜପୁର ଅଫିସ,୨୪।୧୨

ସ୍ୱଚ୍ଛତା ସ୍ୱାଧୀନତା ଅପେକ୍ଷା ଅଧିକ ଜରୁରୀ ବୋଲି ମହାତ୍ମା ଗାନ୍ଧୀ କହୁଥିଲେ। କାରଣ ପରାଧୀନତାକୁ ନେଇ କୌଣସି ଗୋଟିଏ ଦେଶ କ୍ଷତିଗ୍ରସ୍ତ ହୋଇପାରେ, ହେଲେ ସ୍ୱଚ୍ଛତା ନ ଥିଲେ ସମଗ୍ର ବିଶ୍ୱ କ୍ଷତିଗ୍ରସ୍ତ ହୋଇଥାଏ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ କହିଛନ୍ତି। ମଙ୍ଗଳବାର ଯାଜପୁରଟାଉନସ୍ଥିତ ଗାନ୍ଧୀ ଛକଠାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଦାସ ଯୋଗଦେବା ସହ ନିଜ ଘର ପରିସରକୁ ନିରନ୍ତର ପରିଷ୍କାର ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗାନ୍ଧୀ ଛକଠାରୁ ମେଡିକାଲଛକ ପର୍ଯ୍ୟନ୍ତ ସମସ୍ତେ ମିଶି ପରିଷ୍କାର କରିବା ସହ ରାସ୍ତାରୁ ବାଲି ସଫା ଓ ବୃକ୍ଷଗୁଡ଼ିକରେ ଜଳ ସିଞ୍ଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଯାଜପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ଭବ ପ୍ରସାଦ ଦାସ, ପୂର୍ବତନ ବରିଷ୍ଠ ପାରିଷଦ ସନ୍ତୋଷ ମଲ୍ଲିକ, ଦୀପକ ଦାସ, ଓଏସ୍‌ଡି ସୁଦର୍ଶନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ଦିବ୍ୟାଙ୍ଗ ପରିବାରକୁ ମରଣାନ୍ତକ ଆକ୍ରମଣ ଘଟଣା

# ଜୀବନ ପ୍ରତି ବିପଦ ଥିବା ନେଇ ଏସ୍‌ପିଙ୍କୁ ଗୁହାରି

କୋରେଇ, ୨୪।୧୨ (ସ୍ୱ.ପ୍ର)

ଦିବ୍ୟାଙ୍ଗ ପରିବାରକୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୁକ୍ତ ଖୁଲମ୍‌ଖୁଲା ବାହାରେ ବୁଲୁ ଥିବା ବେଳେ ପୋଲିସ କେବଳ ମାମଲା ରୁଜୁ କରି ହାତବାନ୍ଧି ବସିଛି। ଫଳରେ ମେଡିକାଲରୁ ଚିକିତ୍ସିତ ହୋଇ ଫେରିବା ପରେ ଜୀବନ ପ୍ରତି ବିପଦ ଥିବା ଭୟରେ ଏସ୍‌ପିଙ୍କୁ ଭେଟି ଗୁହାରି କରିଛନ୍ତି ଯାଜପୁର ଥାନା ଅନ୍ତର୍ଗତ କଲ୍ୟାଣପୁର(ତେନ୍ତୁଳିମାଳ) ଗ୍ରାମର ପୂର୍ଣ୍ଣଚନ୍ଦ୍ର ସେଠୀ ଓ ତାଙ୍କ ପରିବାର।

ପ୍ରକାଶ ଯେ, ପୂର୍ଣ୍ଣଚନ୍ଦ୍ରଙ୍କର ଏକ ଦୁର୍ଘଟଣାରେ ଗୋଟିଏ ହାତ କଟିଯାଇଛି। ଗାଁରେ ଏକ ପଲିଥିନ୍ ତଳେ ସ୍ତ୍ରୀ ଓ ଝିଅଙ୍କ ସହ ରହୁଛନ୍ତି। ହେଲେ ଗତ ୧୮ ତାରିଖରେ ପୂର୍ଣ୍ଣଚନ୍ଦ୍ରଙ୍କ ନୂତନ ଘର କାର୍ଯ୍ୟ ଚାଲିଥିବା



ବେଳେ ଗ୍ରାମର ଶୁଭ ସେଠୀ ଓ ତାଙ୍କ ପୁଅ ନନ୍ଦକିଶୋର ସେଠାରେ ପହଞ୍ଚି ଗାଳିଗୁଲଜ କରିବା ସହ କାମ ବନ୍ଦ କରାଇଥିଲେ। ପୂର୍ଣ୍ଣଚନ୍ଦ୍ର ଏହାର ବିରୋଧ କରିବାକୁ ଶୁଭ ଓ ନନ୍ଦକିଶୋର ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ସମୟରେ ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀ ଓ ଝିଅ ସେଠାରେ ପହଞ୍ଚିବାରେ ସେମାନେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ୩ଜଣଙ୍କୁ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ତାଙ୍କ ଝିଅଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ସେମାନେ କଟକରୁ ଫେରିବା ପରେ ଜୀବନ ପ୍ରତି ବିପଦ ଥିବାରୁ ସେମାନେ ଗାଁକୁ ନ ଯାଇ ପାଣିକୋଇଲି ସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ଏସ୍‌ପିଙ୍କୁ ଭେଟି ଗୁହାରି କରିଛନ୍ତି। ଯାଜପୁର ପୋଲିସ ୨୦୪/୧୯ ନଂ.ରେ ମାମଲା ରୁଜୁ କରିଥିଲେ ବି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ପୂର୍ଣ୍ଣଚନ୍ଦ୍ର କହିଛନ୍ତି। ତେବେ ଘଟଣାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପି ଯାଜପୁର ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ପରିବାରକୁ ସହାୟତା ଯୋଗାଇଲେ ତହସିଲଦାର

କଳିଙ୍ଗନଗର,୨୪।୧୨(ଡି.ଏନ୍.ଏ.)

ଦାନଗଦୀ ବ୍ଲକ ଅନ୍ତର୍ଗତ ପଙ୍କପାଳ ଝୁମ୍ପି ସାହିରେ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ଅନାହାରରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଉଛନ୍ତି ମୋନାଇ ପୂର୍ତ୍ତି(୫୫)। ଏସମ୍ପର୍କରେ ତହସିଲଦାର ବୁଲ୍‌ବୁଲ୍ ବେହେରା ଖବର ପାଇ ଝୁମ୍ପି ସାହିରେ ପହଞ୍ଚି ମୃତକଙ୍କ ପରିବାର ସଦସ୍ୟଙ୍କୁ ଭେଟି ନିୟମଅନୁସାରେ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏପରିକି ମୃତକ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା, ରେଡକ୍ରସରୁ ୧୦ହଜାର ଟଙ୍କା, ଶୁଖିଲା ଖାଦ୍ୟ (ଛତୁଆ,ବିସ୍କୁଟ), ୨୦କେଜି ଚାଉଳ, ତହସିଲରୁ ପଲିଥିନ ଆଦି ଯୋଗାଇ ଦେଇଥିଲେ। ମୃତ ମୋନାଇଙ୍କ ନିଜସ୍ୱ ଘର କେନ୍ଦୁଝର



ମୃତକଙ୍କ ପରିବାରକୁ ତହସିଲଦାର ସହାୟତା ପ୍ରଦାନ କରୁଛନ୍ତି।

**ଅନାହାର ମୃତ୍ୟୁ ଅଭିଯୋଗ**

ଜିଲାରେ ହୋଇଥିଲେ ମଧ୍ୟ ଦୀର୍ଘ ବର୍ଷ ହେଲା ପରିବାର ସହ ସେ ଝୁମ୍ପିସାହିରେ ରହୁଥିଲେ। ତାଙ୍କର ନିଜସ୍ୱ ଘର ଖଣ୍ଡିଏ ନ ଥିବାରୁ ଏକ ପାଲତଳେ ପରିବାର ସହ ନିଜ ଜୀବନ କାଟୁଥିଲେ। ପରିବାର କହିଲେ ସ୍ତ୍ରୀ, ଝିଅ ଏବଂ ୫ ନାତିନାତୁଣୀ। ଝିଅକୁ ସ୍ୱାମୀ ଛାଡ଼ି ଦେଇଥିବାରୁ ସେ ବାପା ମୋନାଇଙ୍କ ନିକଟରେ ରହୁଥିଲେ। ଶ୍ରମିକ ଭାବେ କାମ କରି ମୋନାଇ ଯାହା କିଛି ଅର୍ଥ ଉପାର୍ଜନ କରନ୍ତି ସେଥିରେ ପରିବାର ଚଳାଇବା କଷ୍ଟ ଥିଲା। ଗତ କିଛି ମାସ ହେବ ମୋନାଇ ରୋଗରେ ପଡ଼ିବାରୁ ଆଉ କାମ କରିବା ତାଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା। ତେଣୁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡ଼ିଥିଲା।ସେ ପରିବାରର ଏକ ମାତ୍ର ରୋଜଗାରକ୍ଷମ ଥିଲେ। ତାଙ୍କ ଅସୁସ୍ଥତା ପରେ ପରିବାର ଲୋକ ଠିକ୍‌ଭାବେ ଚିକିତ୍ସିତ କରାଇପାରି ନ ଥିଲେ। ଏପରିକି ଦିନେ ଖାଇଲେ ୫ଦିନ ପାଣି ପିଇ ବଞ୍ଚିବାକୁ ପଡୁଥିଲା। କୌଣସି ସରକାରୀ ସହାୟତା ମଧ୍ୟ ତାଙ୍କୁ ମିଳି ନ ଥିଲା। ଶେଷରେ ମୋନାଇଙ୍କ ଅନାହାରରେ ମୃତ୍ୟୁ ଘଟିଛି ବୋଲି ଅଭିଯୋଗ ହୋଇଛି। ମୋନାଇଙ୍କ ପରିବାର ସଦସ୍ୟଙ୍କୁ ତୁରନ୍ତ ଆବାସ ଯୋଜନାରେ ଗୃହ ଏବଂ ଅନ୍ତୋଦ୍ୟ ଯୋଜନାରେ ଚାଉଳ ଯୋଗାଇଦେବାକୁ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନିକ ଅଧିକାରୀଙ୍କଠାରୁ ସୂଚନା ମିଳିଛି।

## ସଂକ୍ଷେପରେ

### ଭୂମିକା ଚିକିତ୍ସାଳୟ ଉଦ୍‌ଘାଟିତ

ସିଂହପୁର,୨୪।୧୨(ଡି.ଏନ୍.ଏ)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରରେ ଭୂମିକା ଚିକିତ୍ସାଳୟ ମଙ୍ଗଳବାର ଉଦଘାଟିତ ହୋଇଛି। ଭୂମିକାର ଅଧକ୍ଷ ଭିଷ୍ଣୁପ୍ରସାଦ ରଥଙ୍କ ଉଦ୍ୟମ ଯୋଗୁ ଏହି ଚିକିତ୍ସାଳୟ ସିଂହପୁର ଅଞ୍ଚଳରେ ଖୋଲିଛି। ଏହି ଉତ୍ସବରେ ବିଞ୍ଝାରପୁର ନାଗରିକ ମଞ୍ଚର ସଭାପତି ରବୀନ୍ଦ୍ର ଧଳ, ଭୂମିକା ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ଜେନା, ମନୋରଞ୍ଜନ ବେଉରିଆ ପ୍ରମୁଖ ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇଥିଲେ। ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ଓ ସୁବିଧାରେ ସେବା ଯୋଗାଇବା ଏହି ଚିତ୍ସାଳୟର ଲକ୍ଷ୍ୟ ବୋଲି ରଥ କହିଛନ୍ତି। ସିଂହପୁର ଶାଖା ପରିଚାଳକ ନିଳୟ କାନ୍ତ ବିଶ୍ୱାଳ, ରୁଚିକା ସିଂ, ସହକାରୀ ସ୍ମିତା ସାହୁ, ଚନ୍ଦ୍ରମଣି ସେଠୀ, ସୁଶାନ୍ତ ବେହେରା, ସୁମନ୍ତ ଯେନା ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଜୋନାଲ୍‌ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ପାଇଁ ଛାତ୍ରୀ ମନୋନୀତ

ଛତିଆ,୨୪।୧୨(ଡି.ଏନ୍.ଏ)- ଅନୁଗୋଳଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଛତିଆ ନୋଡାଲ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଅରୋମିରା ପଡିଆରୀ ସ୍ୱଚ୍ଛ ଓ ସ୍ୱଛତା ବିଷୟରେ ପ୍ରକଳ୍ପ ପ୍ରସ୍ତୁତ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିବା ସହ ଗଣଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ଏଥିସହିତ କଲିକତାଠାରେ ହେବାକୁ ଥିବା ଜୋନାଲସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ପାଇଁ ସେ ମନୋନୀତ ହୋଇଛନ୍ତି। ଏହି ଅବସରରେ ମଙ୍ଗଳବାର ଛତିଆରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିରେ ଛତିଆ କ୍ଲଷ୍ଟର ସିଆରସିସି ରଶ୍ମୀରଞ୍ଜନ ଶେଣ୍ଡ, ରସାନନ୍ଦ ନାୟକ, ପୂର୍ବତନ ପରିଚାଳନା କମିଟିର ସଭାପତି ସର୍ବେଶ୍ୱର ରାଉଳ ପ୍ରମୁଖ ଆରୋମୀରାଙ୍କ କୃତୀ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧନା କରିଥିଲେ।

### ଯୀଶୁଖ୍ରୀଷ୍ଟ ଜନ୍ମ ଦିବସ ପାଳିତ

ବରୀ, ୨୪।୧୨(ସ୍ୱ.ପ୍ର) ବରୀବ୍ଲକ ଅଧିନ ମାଟିଆପଡ଼ା ଗ୍ରାମରେ ଥିବା ଚର୍ଚ୍ଚ ପରିସରରେ ସୋମବାର ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିବସ ପାଳିତ ହୋଇଛି। ଅଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବରୀ ବ୍ଲକ ଅଧକ୍ଷା ସୁବାଶିନୀ ନାଥଶର୍ମା ଯୋଗ ଦେଇ ଅସହାୟ ଗରିବଙ୍କୁ କମ୍ବଳ ଓ ଶୀତବସ୍ତ୍ର ବଣ୍ଟନ କରିଥିଲେ। ଆଚାର୍ଯ୍ୟ ପ୍ରଶାନ୍ତ ଖୋସାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୨ ମିନିଟ୍ ପ୍ରାର୍ଥନା କରାଯାଇ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ପରିପ୍ରେକ୍ଷିରେ ଆଇନଜୀବୀ ପରେଶ କର, ବରୀଷ୍ଠ ନାଗରିକ ରବୀନ୍ଦ୍ର ମଲ୍ଲିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଚାର୍ଯ୍ୟ ଫାଦର ଶିବୁ ମିଷି ଯୋଗଦାନ କରି ଯିଶୁଖ୍ରୀଷ୍ଟଙ୍କ ଜୀବନି ଉପରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଲୋକଙ୍କୁ କହିଥିଲେ।

### ସିଏଏ,ଏନ୍ଆର୍‌ସି ସପକ୍ଷରେ ଶୋଭାଯାତ୍ରା

ଡୁବୁରୀ,୨୪।୧୨(ଡିଏନଏ)- ସଂଶୋଧିତ ନାଗରିକତ୍ୱ ଆଇନ(ସିଏଏ) ଓ ଏନ୍ଆରସିକୁ ବିରୋଧ କରି ଦେଶର ବିଭିନ୍ନ ଅଞ୍ଚଳରେ ବିକ୍ଷୋଭ ଜାରି ରହିଥିବାବେଳେ ମଙ୍ଗଳବାର ଏହା ସପକ୍ଷରେ ସୁକିନ୍ଦା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଛି। ଶୋଭାଯାତ୍ରାକାରୀମାନେ ଡୁବୁରୀ ଶିବ ମନ୍ଦିରରୁ ବିଭିନ୍ନ ପ୍ଲାକାର୍ଡ ଧରି ଡୁବୁରୀଛକ ବଜାର ଅଞ୍ଚଳ ବୁଲି ଏହା ସପକ୍ଷରେ ଲୋକମାନଙ୍କୁ ସଚେତନ କରିବା ପାଇଁ ଉଦ୍ୟମ କରିଥିଲେ। ଜିଲା ଯୁବମୋର୍ଚ୍ଚା ଉପସଭାପତି ରବୀନ୍ଦ୍ର ପୁହାଣଙ୍କ ନେତୃତ୍ୱରେ ସୁକିନ୍ଦା ଓ ଦାନଗଦୀ ବ୍ଲକର ପ୍ରଶାନ୍ତ ରାୟ, ପୁଷ୍ପକ ମହାପାତ୍ର, ସୁଧାଂଶୁ ଶେଖର ଭଞ୍ଜ, ଅଜିତ କୁମାର ଦାସ, ପଦ୍ମଲୋଚନ ବାରିକ, ଦୀପକ ପାତ୍ର, ବିଶ୍ୱଜିତ ରାଜ, ପ୍ରକାଶ ବେହୁରା, ଜ୍ଞାନରଞ୍ଜନ ସାହୁ, ବଳଭଦ୍ର ରାଉତ ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ସୁକିନ୍ଦା ଭାଜପା ନେତା ପ୍ରଦୀପ କୁମାର ବଳସାମନ୍ତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦଳୀୟ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ।

■ ମାଙ୍କେଡ଼ିଆ ଜନଜାତିଙ୍କ ବଦଳିବ ଜୀବନଧାରା

# ଡିଏମ୍‌ଏଫ୍ ପାଣ୍ଠିରୁ ୩.୯୯ କୋଟି ବିନିଯୋଗ

ଯାଜପୁର ଅଫିସ,୨୪।୧୨


ଜିଲାପାଳ ଓ ଅନ୍ୟପ୍ରଶାସନିକ ଅଧିକାରୀମାନେ ମାଙ୍କେଡିଆ ବସ୍ତିରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

ଯାଜପୁର ଜିଲା ସୁକିନ୍ଦା ବ୍ଲକ କାଳିଆପାଣି ଖଣିନିକସ୍ଥ ମଲ୍ଲାରସାହିରେ ବସବାସ କରୁଥିବା ମାଙ୍କେଡିଆ ଜନଜାତିଙ୍କ ଜୀବନଧାରଣ ମାନରେ ସୁଧାର ଆଣିବାକୁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏପରି କି ଜଙ୍ଗଲଜମି ଅଧିକାର ଆଇନ ମାଧ୍ୟମରେ ସେହି ପରିବାରଗୁଡ଼ିକୁ ୧୭୪୨ ବର୍ଗଫୁଟ ଲେଖାଏଁ ଜମି ରାଁସୋଳ ପଞ୍ଚାୟତର କୁସୁମଡିହାଠାରେ ପ୍ରଦାନ କରାଯାଇଛି। ଏହା ସହିତ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍ଏଫ୍) ପାଣ୍ଠିରେ ୩ କୋଟି ୯୯ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗୃହ ନିର୍ମାଣ ଆରମ୍ଭ ହୋଇଛି । ସେହିପରି ସମସ୍ତ ୮୭ଗୋଟି ପରିବାର ପାଇଁ ୩୫୮ବର୍ଗଫୁଟ ଲେଖାଏ ଜାଗାରେ ସ୍ୱତନ୍ତ୍ର ଅଲଗା ସ୍ନାନାଗାର ଓ ପାଇଖାନାର ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ ସମସ୍ତ ଗୃହକୁ ବିଦ୍ୟୁତ୍ ପାଇପ ମାଧ୍ୟମରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ହେଉଛି । ଏକ ବହୁମୁଖୀ କମ୍ୟୁନିଟି ସେଣ୍ଟର ୧୭୪୦ ବର୍ଗଫୁଟ ପରିମିତି ଅଞ୍ଚଳରେ ମଧ୍ୟ ବ୍ୟବସ୍ଥା ହୋଇଛି।

ସୂଚନାଯୋଗ୍ୟ ଯେ, ଓଡିଶାରେ ୧୩ଟି ବିଶେଷ ସ୍ପର୍ଶକାତର ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧିବାସୀ ବାସ କରନ୍ତି। ମାଙ୍କେଡ଼ିଆ ଜନଜାତି ସେମାନଙ୍କ ମଧ୍ୟରୁ ଅନ୍ୟତମ। ସୁକିନ୍ଦା ବ୍ଲକ କାଳିଆପାଣି ଖଣି ନିକଟସ୍ଥ ମଲ୍ଲାରସାହିରେ ଏହି ମାଙ୍କେଡ଼ିଆ ଜନଜାତିର ୮୭ଗୋଟି ପରିବାର ବାସ କରନ୍ତି। ସେମାନେ ଭୂମିହୀନ। ମାଟିକାନ୍ଥ, ଚାଳଛପର ଘରେ ସେମାନଙ୍କ ଜୀବନ ଅତିବାହିତ ହୋଇଥାଏ । ଘରଗୁଡ଼ିକରେ ବିଦ୍ୟୁତ ସରବରାହ ମଧ୍ୟ ନ ଥିଲା । ତେବେ ଏହି ଘଟଣା ଜିଲାପାଳ ତଥା ଜିଲା ଖଣିଜ ପ୍ରତିଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ରଞ୍ଜନ କୁମାର ଦାସଙ୍କ ଦୃଷ୍ଟିକୁ ଆସିବା ପରେ ଏହା ଉପରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି । ମାଙ୍କେଡ଼ିଆ ଜନଜାତି ଯେପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ଓ ସମ୍ମାନଜନକ ଜୀବନ ଜୀଇଁବେ ସେଥିପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହିକ୍ରମରେ ମଙ୍ଗଳବାର ଜିଲାପାଳ ଦାସଙ୍କ ସମେତ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଅତିରିକ୍ତ ଜିଲାପାଳ କଳିଙ୍ଗନଗର ସନ୍ତୋଷ କୁମାର ମିଶ୍ର, ସୁକିନ୍ଦା ବିଡିଓ ବିଶ୍ୱଜିତ୍ ଦାସ, ଡିଏମ୍ଏଫ୍‌ର ସଂଯୋଜକ ସୁବାଶିଷ କୁମାର ପ୍ରମୁଖ ମଲ୍ଲାରସାହି ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ। ଏପ୍ରିଲ ୨୦୨୦ସୁଦ୍ଧା ଘର ଓ ସମସ୍ତ ଆନୁସାଙ୍ଗିକ କାର୍ଯ୍ୟ ସମାପ୍ତ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସେମାନେ ଯେପରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଦୈନନ୍ଦିନ ଜୀବନ ନିର୍ବାହ ପାଇଁ ସକ୍ଷମ ହେବେ ସେଥିପାଇଁ ଜୀବିକା ମିଶନର ମ୍ୟାପ ପ୍ରସ୍ତୁତ କରି ସେମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଗ୍ରାମ ଓ ଜନଜାତିର ଲୋକଙ୍କୁ ଯେପରି ଏକ ଆଦର୍ଶ ଗ୍ରାମ ଓ ଉନ୍ନତ ପରିବେଶ ସଂପନ୍ନ ଗ୍ରାମରେ ରଖାଯାଇପାରିବ ସେଥିପ୍ରତି ସମସ୍ତେ ଉଦ୍ୟମ କରିବାକୁ ଜିଲାପାଳ ସମସ୍ତ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଡିଏମ୍ଏଫ୍ ପାଣ୍ଠିରୁ ଜିଲାର ଖଣି ପ୍ରଭାବିତ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ଯେପରି ହେବ ସେନେଇ ଜିଲା ପ୍ରଶାସନ ଅନୁରୂପ ଭାବେ ତତ୍ପର ହେବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି।

## ଚୋରା ବାଲିଚାଲାଣ ଉପରେ ଚଢାଉ: ୬ ଟ୍ରାକ୍ଟର ଜବତ

ଦଶରଥପୁର,୨୪।୧୨(ଡି.ଏନ୍.ଏ.)

ଦଶରଥପୁର ବ୍ଲକ ଅଞ୍ଚଳଦେଇ ଯାଇଥିବା ବୈତରଣୀ ନଦୀ ଶଯ୍ୟାର ବିଭିନ୍ନ ସ୍ଥାନରୁ ପ୍ରତ୍ୟେହ ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଛି। ଏନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ଦଶରଥପୁର ତହସିଲଦାର କୈଳାସ ଚନ୍ଦ୍ର ମହାଳିକ ଚୋରାରେ ଚାଲାଣ ହେଉଥିବା ୬ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛନ୍ତି। ସୂଚନା ଯୋଗ୍ୟ ଯେ, ବ୍ଲକ ଅଞ୍ଚଳର ନଦୀର ବିଭିନ୍ନ ସ୍ଥାନରୁ ବାଲି ମାଫିଆମାନେ ନଦୀରୁ ବାଲି ବୋଝେଇ ଗାଡ଼ି ଉଠିବା ଲାଗି ନଦୀବନ୍ଧକୁ କାଟି ବନ୍ଧକୁ ଅତ୍ୟନ୍ତ ଦୁର୍ବଳ କରିବାସହ ବନ୍ଧକୁ ଲାଗିଥିବା ଗାଁ ଅଞ୍ଚଳଦେଇ ଯାଉଛନ୍ତି।


ତହସିଲ ପ୍ରଶାସନ ପକ୍ଷରୁ ଜବତ ଟ୍ରାକ୍ଟର ।

ଗ୍ରାମ୍ୟରାସ୍ତା ଦେଇ ବାଲିବୋଝେଇ ଗାଡ଼ିଗୁଡ଼ିକ ଯିବାଦ୍ୱାରା ରାସ୍ତା ମଧ୍ୟ ଶୋଚନୀୟ ହୋଇପଡୁଛି। ଯାହାକୁନେଇ ବିଭିନ୍ନ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟରେ ବହୁସମୟରେ ଅଭିଯୋଗ ହେଉଥିବା ଦୃଷ୍ଟାନ୍ତ ରହିଛି। ମଙ୍ଗଳବାର ୬ଟି ଟ୍ରାକ୍ଟର ଜବତ ହେବାପରେ ଜରିମାନା ବାବଦ ଉକ୍ତ ଗାଡ଼ିରୁ ୫୦ ହଜାର ଟଙ୍କା ଆଦାୟ କରାଯାଇଥିବା ତହସିଲ ସୂତ୍ରରୁ ଜଣାପଡ଼ିଛି ।

■ ୬୫ତମ ଲକ୍ଷ୍ମୀନାରାୟଣ ପୂଜା ଓ ୧୨ଶ କୁଆଖିଆ ମହୋତ୍ସବ

## ଗୋଟିପୁଅ ନୃତ୍ୟ, ଦାସକାଠିଆରେ କମ୍ପିଲା ମଞ୍ଚ

ରସୁଲପୁର, ୨୪।୧୨ (ଡି.ଏନ୍.ଏ.)

୬୫ତମ ଲକ୍ଷ୍ମୀନାରାୟଣ ପୂଜା ଓ ୧୨ଶ କୁଆଖିଆ ମହୋତ୍ସବ ପାଇଁ ରସୁଲପୁର ବ୍ଲକ ଅଧୀନସ୍ଥ କୁଅଖିଆ ବଜାର ଚଳଚଞ୍ଚଳ ହୋଇଉଠିଛି। ନିକଟସ୍ଥ ସାରଙ୍ଗପୁର ମେଲଣ ପଡ଼ିଆରେ ଅନୁଷ୍ଠିତ ଏହି ମହୋତ୍ସବର ଦୁଇଟି ଯାକ ମଞ୍ଚରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କ ମନ ଜିଣିପାରିଛି। ମଙ୍ଗଳବାର ସନ୍ଧ୍ୟାରେ ଲକ୍ଷ୍ମୀନାରାୟଣ ପୂଜା ମଞ୍ଚରେ ପାଲା ଗାୟିକାଙ୍କ ଛାନ୍ଦ ଓ ଶ୍ଳୋକକୁ କଳାପ୍ରେମୀମାନେ ବେଶ୍ ଉପଭୋଗ କରିଥିଲେ। ପ୍ରଥମ କାର୍ଯ୍ୟକ୍ରମରେ ପୁରୀ ଜିଲା ସାକ୍ଷୀଗୋପାଳ ଓ ସାଥୀ କଳାକାରଙ୍କ ଦ୍ୱାରା ପରିବେଷିତ ଗୋଟିପୁଅ ନୃତ୍ୟର ତାଳେ ତାଳେ ଦର୍ଶକ ଝୁମି ଥିଲେ। ଦ୍ୱିତୀୟ କାର୍ଯ୍ୟକ୍ରମ ଭାବେ ମହୋତ୍ସବ ମଞ୍ଚରେ ତ୍ରିଲୋଚନ ପଣ୍ଡିତ ଓ ସାଥୀଙ୍କ ଦ୍ୱାରା ଦାସକାଠିଆ ପରିବେଶଣ କରାଯାଇଥିଲା। କମିଟିର କର୍ମକର୍ତ୍ତାମାନେ ଦୁଇଟି ମଞ୍ଚର କାର୍ଯ୍ୟକ୍ରମକୁ ଅତି ଶୃଙ୍ଖଳାର ସହ ପରିଚାଳନା କରୁଛନ୍ତି।

## ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ

ଧର୍ମଶାଳା,୨୪।୧୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ପକ୍ଷରୁ ଆଜି ୨ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି । ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମଙ୍ଗଳବାର ଏହି ଟ୍ରାଇସାଇକେଲ ପ୍ରଦାନ କରିଛନ୍ତି। ଏହି ବ୍ଲକ ମହିସରା ପଞ୍ଚାୟତ ବରଡ଼ା ଗ୍ରାମର ଦିବ୍ୟାଙ୍ଗ ସୁରେଶ ମଲିକ ଓ ପାଖର ପଞ୍ଚାୟତ ଛେଳିଆପଦା ଗ୍ରାମର ସୁଶାନ୍ତ ଦେଉରୀ ଦୀର୍ଘବର୍ଷ ଧରି ଟ୍ରାଇସାଇକେଲ୍‌ଟିଏ ନ ପାଇ ଘରେ ପଡ଼ି ରହୁଥିଲେ । ତେବେ ସେମାନଙ୍କ ଏଭଳି ଅବସ୍ଥା ବିଧାୟକଙ୍କ ନଜରକୁ ଆସିବା ପରେ ସେମାନଙ୍କୁ ତୁରନ୍ତ ଟ୍ରାଇସାଇକେଲ ପ୍ରଦାନ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ଟ୍ରାଇସାଇକେଲର ବ୍ୟବସ୍ଥା କରାଯିବା ପରେ ଉଭୟ ଦିବ୍ୟାଙ୍ଗଙ୍କୁ ବ୍ଲକକୁ ଡକାଯାଇ ବିଡିଓ ହେମନ୍ତ କୁମାର ସ୍ୱାଇଁ ଓ ବ୍ଲକ ଅଧକ୍ଷଙ୍କ ଉପସ୍ଥିତିରେ ବିଧାୟକ ସେମାନଙ୍କୁ ଟ୍ରାଇସାଇକେଲ ଦେଇଥିଲେ। ଟ୍ରାଇସାଇକେଲ ପାଇ ଉଭୟ ଦିବ୍ୟାଙ୍ଗ ନିଜର ଖୁସି ପ୍ରକଟ କରିଛନ୍ତି।


ଭିନ୍ନକ୍ଷମଙ୍କୁ ଧର୍ମଶାଳା ବିଧାୟକ ଟ୍ରାଇ ସାଇକେଲ ପ୍ରଦାନ କରୁଛନ୍ତି।

### ବିଜୁ ବରିଷ୍ଠ ନାଗରିକ ବିକାଶ ମଞ୍ଚର ବୈଠକ

ବରୀ,୨୪।୧୨(ସ୍ୱ.ପ୍ର)

ବରୀ ନିର୍ବାଚନ ମଣ୍ଡଳୀ ଅଧିନ ରୁଦ୍ରପୁର ପଞ୍ଚାୟତର ବାଗ୍ ସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବିଜୁ ବରିଷ୍ଠ ନାଗରିକ ବିକାଶ ମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଳମଣୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦେଇ ରୁଦ୍ରପୁର ପଞ୍ଚାୟତର ସ୍ୱାସ୍ଥ୍ୟ, ଗମନାଗମନ ଓ ଶିକ୍ଷା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ପଞ୍ଚାୟତରେ ଏକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। କରୁଣାକର ଆଚାର୍ଯ୍ୟଙ୍କୁ ମଞ୍ଚରସ୍ଥାୟୀ ସଭାପତିଭାବେ ଚୟନ କରାଯିବା ସହିତ ସମ୍ପାଦକ ଭାବେ ପ୍ରମୋଦ କୁମାର ନାୟକଙ୍କୁ ଚୟନ କରାଯାଇଥିଲା। ଉପସଭାପତି ଶରତ କୁମାର ସାହୁ , ସହସମ୍ପାଦକ ଭିକାରି ଚରଣ ଲେଙ୍କା, ପରାମର୍ଶଦାତା ଭାବେ କୁଳମଣି ବିଶ୍ୱାଳଙ୍କୁ ମନୋନିତ କରାଯାଇଥିଲା। ବରିଷ୍ଠ ନାଗରିକ ପ୍ରଭାତ ପାଣିଙ୍କୁ ଆବାହକ ଭାବେ ଚୟନ କରାଯାଇଥିବା ମଞ୍ଚ ପକ୍ଷରୁ କୁହାଯାଇଛି।

### ମଦ୍ୟପ ଚାଳକ କୋର୍ଟଚାଲାଣ

ଛତିଆ,୨୪।୧୨(ଡି.ଏନ୍.ଏ)

ବୈରୀ ପୋଲିସ୍ ପକ୍ଷରୁ ସୋମବାର ରାତିରେ ପାଟ୍ରୋଲିଂ ସମୟରେ ସମିଆଁ, ଶାଳପଡା, ରାସ୍ତାର ମଧ୍ୟସ୍ଥଳୀରେ ଜଣେ ମଦ୍ୟପ ଚାଳକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଚାଳକ ଜଣକ ହେଉଛନ୍ତି ସମିଁଆ ଗ୍ରାମର ଧ୍ରୁବ ସାମଲ(୨୬)। ଧ୍ରୁବ ଏକ ମୋଟରସାଇକେଲ ଓଆର୍ ୦୪-ଜେ-୮୭୬ ରେ ଅନ୍ୟ ୨ଜଣଙ୍କୁ ବସାଇ ଯାଉଥିବା ସମୟରେ ପୋଲିସ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲା।

## ଶିଶୁ ଯତ୍ନକାରୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ତାଲିମ

ଯାଜପୁର ଅଫିସ,୨୪।୧୨

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ମିନି ସମ୍ମିଳନୀ କକ୍ଷରେ ମଙ୍ଗଳବାର ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଆଭିମୁଖ୍ୟକରଣ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ପରିଷଦ ସଭାପତି ନରେଶଚନ୍ଦ୍ର ମହାନ୍ତି, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ବିଜୟଲକ୍ଷ୍ମୀ ପଣ୍ଡା, ଜିଲା ଶିଶୁ ମଙ୍ଗଳ କମିଟିର ଅଧକ୍ଷା ରୀତା ବେହେରା, ସଦସ୍ୟ ରୁଦ୍ର ନାରାୟଣ ପୃଷ୍ଟି ପ୍ରମୁଖ ଶିଶୁ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁଙ୍କ ଦାୟିତ୍ୱରେ ରହୁଥିବା ପ୍ରତିଟି କର୍ମଚାରୀ ଉତ୍ସର୍ଗୀକୃତ ଭାବେ କାମ କରିବା ସହ ଶିଶୁଙ୍କ ମନସ୍ତତ୍ତ୍ୱକୁ ବୁଝି ସେମାନଙ୍କୁ ସେବା ଯୋଗାଇ ଦେବାକୁ ସମସ୍ତେ ଅନୁରୋଧ କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଷୟ ବିଷାରଦ ଭାବେ ସଂଯୋଗ ଅନୁଷ୍ଠାନର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟାସିଂ, ରାଜ୍ୟ ଶିଶୁ ସୁରକ୍ଷାର ପ୍ରୋଗ୍ରାମ ଅଫିସର ସୁଜାତା ମହାନ୍ତି, ଶିଶିର କୁମାର ରାଉତରାୟ ପ୍ରମୁଖ ଯୋଗଦେଇ ବିସ୍ତୃତ ଓ ବିଷଦ ଭାବେ ଶିଶୁ ସୁରକ୍ଷା, ଶିଶୁ ସହ ଜଡିତ ଅନୁଷ୍ଠାନଗୁଡ଼ିକର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବୁଝାଇଥିଲେ। ଏଥିରେ ଶିଶୁ ସୁରକ୍ଷା ୟୁନିଟର ଆଇନ ପରାମର୍ଶଦାତା ତପନ କୁମାର ପଣ୍ଡା, ଅର୍ଚ୍ଚନା କୁମାରୀ ସାମନ୍ତ, ମିହିର କୁମାର ଜେନା, କାଳି ପ୍ରସାଦ ସାହୁ, ରବୀନ୍ଦ୍ର କୁମାର ସେଠୀ ଓ ବିଶ୍ୱନାଥ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପଦ୍ମଚରଣ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୁକୁନ୍ଦପାତ୍ର କଲେଜର ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ


ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପନ ଉତ୍ସବରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୨୪।୧୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ବଳରାମପୁରସ୍ଥିତ ମୁକୁନ୍ଦପାତ୍ର +୨ କଲେଜର ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଛି। କଲେଜ ଅଧକ୍ଷ ହେମନ୍ତ କୁମାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ବିରଜା ମହିଳା ମହାବିଦ୍ୟାଳୟର ଅଧକ୍ଷ ଅଖିଳ ରଞ୍ଜନ ପାଢୀ ଯୋଗଦେଇ ଛାତ୍ରୀମାନଙ୍କ ଶାରୀରିକ, ମାନସିକ ଶକ୍ତି ବୃଦ୍ଧି ପାଇଲେ ସେମାନେ ଉତ୍ତମ ଜୀବନଯାପନ କରିବା ସହିତ ସମାଜର ମଙ୍ଗଳ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ, ପରିଚାଳନା କମିଟିର ପୂର୍ବତନ ସଭାପତି ଶରତ ଚନ୍ଦ୍ର ସାହୁ, ଅଧାପକ ତରୁଣ କୁମାର ନାୟକ, ଅଭିମନ୍ୟୁ ସାହୁ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଉପରେ ମତବ୍ୟକ୍ତ କରିଥିଲେ। ଏହି ଶିବିରରେ ୧୭୩ଜଣ ବାଳିକା ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷକ ଭାବେ ଛତିଆ ମହାବିଦ୍ୟାଳୟର ଛାତ୍ରୀ ସୂର୍ଯ୍ୟକାନ୍ତି ବିଶ୍ୱାଳ ଓ ସସ୍ମିତା ସାହୁ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୧୨ ଦିନ ଧରି ଏହି ଶିବିର ଚାଲିଥିଲା ।

## ଶିବିରରେ ୨୨୨ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

କାଳିଆପାଣି,୨୪।୧୨(ଡି.ଏନ୍.ଏ)

ଇମ୍ଫା ଓ ବଂଶୀଧର ଇଲାପଣ୍ଡା ଫାଉଣ୍ଡେଶନ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ମଙ୍ଗଳବାର ସୁକିନ୍ଦା ବ୍ଲକ ରାଁସୋଳ ପଚାଞ୍ଚତ କାକୁଡ଼ିଆ ଗ୍ରାମ କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭେଷଜ ବିଶେଷଜ୍ଞ ଜୟଦେବ ନନ୍ଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଚାଲିଥିବାବେଳେ ସ୍ତ୍ରୀପ୍ରସୁତି ବିଶେଷଜ୍ଞ ଚିତ୍ତରଞ୍ଜନ ନାୟକ, ହାତିବାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆର୍ଯ୍ୟୁବେଦ ଡାକ୍ତର ରଶ୍ମୀ ପରିଡ଼ା, ଇମ୍ଫା କମ୍ପାନୀ ଡାକ୍ତର ସବ୍ୟସାଚୀ ମହାପାତ୍ର ସହଯୋଗ କରିଥିଲେ। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ୨୨୨ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ କମ୍ପାନୀ ପକ୍ଷରୁ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଁସୋଳ ସରପଞ୍ଚ ବିଶ୍ୱଜିତ ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବାବେଳେ ଖଣି ଉପସଭାପତି ଅଜୟ କୁମାର ବେହୁରୀଆ, ଲୋକସମ୍ପର୍କ ବରିଷ୍ଠ ପରିଚାଳକ ଜଗନ ମୋହନ ମଲ୍ଲିକ ଉପସ୍ଥିତ ରହିଥିଲେ। ପରିଚାଳନା ମିଲନ ରଞ୍ଜନ କର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ନାଏବ ସରପଞ୍ଚ ଅଜୁ ମହାନ୍ତ, ପୂର୍ବତନ ସମିତି ସଭ୍ୟା ମାଧବୀ ହେମ୍ବ୍ରମ, ଶରତ ପ୍ରଧାନ, ପଦ୍ମନାଭ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ଅଳିଆ ଆବର୍ଜନାରେ ଭରପୂର ବିଦ୍ୟାଳୟ ପରିସର

ବରୀ,୨୪।୧୨(ସ୍ୱ.ପ୍ର)

ବରୀବ୍ଲକ ଅଧିନ ଧାରପୁର ପଞ୍ଚାୟତର ଧାରପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର ଓ ବିଦ୍ୟାଳୟ ସମ୍ମୁଖ ଅଳିଆ ଆବର୍ଜନାରେ ଭରପୁର ହୋଇ ରହିଛି। ଏନେଇ ବାରମ୍ବାର ଅଭିଯୋଗ କଲେ ବି କୌଣସି ଫଳପ୍ରଦ ହେଉନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାଦ୍ୱାରା ବିଦ୍ୟାଳୟ ପରିସର ଓ ସମ୍ମୁଖ ସରିସୃପଙ୍କ ଆସ୍ତାସ୍ଥଳୀ ପାଲଟି ଯାଇଛି। ଯାହାଫଳରେ ଛାତ୍ରୀଙ୍କ ପାଇଁ ବିପଦ ଦେଖାଦେବା ସହିତ ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖ ବାଟ ଦେଇ ଯାତାୟାତ କରିବାକୁ ଭୟ କରୁଛନ୍ତି। ମଙ୍ଗଳବାର ଏସବୁ ସଫା କରିବା ପାଇଁ ବରିଷ୍ଠ ସାମାଜିକ କର୍ମୀ ସନତ କୁମାର ଜେନାଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିସର ଓ ସମ୍ମୁଖ ଭାଗରେ ଥିବା ଭରପୁର ନାଗଦଳ ପୋଖରୀକୁ ସଫେଇ କରାଯିବ ବୋଲି ସ୍ଥିର ହୋଇଛି। ଏଥିରେ ସମସ୍ତ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ସଫେଇରେ ସାମିଲ ହେବେ ବୋଲି ମତ ପ୍ରକାଶ ପାଇଛି। ଏସଂକ୍ରାନ୍ତରେ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରାଙ୍କୁ ପଚାରିବାରୁ ଏଭଳି ଅଭିଯୋଗ ଆସିଛି, ସଫେଇ କରିବାକୁ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।



## ସଂକ୍ଷେପରେ

### ମଦ ଜବତ, ଜଣେ କୋର୍ଟ ଚାଲାଣ

**କୋରେଇ, ୨୪।୧୨ (ସ୍ୱ.ପ୍ର.):** ପାଣିକୋଇଲି ପୋଲିସ ପାଟ୍ରୋଲିଂ ବେଳେ ଜଣେ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିବା ସହ ତାଙ୍କଠାରୁ ବିଦେଶୀ ମଦ ଜବତ କରିଛି। ସେ ହେଲେ ନାଉଡପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପୁଅ କାଳନ୍ଦୀ(୩୪)। କାଳନ୍ଦୀ ଏକ ପଲିଥିନ୍‌ରେ ମଦ ବୋତଲ ଭର୍ତ୍ତି କରି ନେଉଥିବା ବେଳେ ଶଙ୍ଖଚିଲା ନାଉଡପୁର ଛକଠାରେ ପାଟ୍ରୋଲିଂ ଟିମ୍ ହାବୁଡ଼ରେ ପଡିଯାଇଥିଲେ। ଏସ୍‌ଆଇ ବିଶ୍ୱନାଥ ଦତ୍ତଙ୍କ ନେତୃତ୍ୱରେ ଯାଇଥିବା ପାଟ୍ରୋଲିଂ ଟିମ୍ ତାଙ୍କୁ ଗିରଫ କରିବା ସହ ମଙ୍ଗଳବାର କାଳନ୍ଦୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ୨୪୫/୧୯ ନଂ.ରେ ଏକ ମାମଲା ରୁଜୁ ହୋଇଥିବା ଏଏସଆଇ ଅଭୟ କୁମାର ନାୟକ ସୂଚନା ଦେଇଛନ୍ତି।

### ବିଧାୟିକାଙ୍କ ଦ୍ୱାରା ଚାରାରୋପଣ

**ଦଶରଥପୁର, ୨୪।୧୨(ଡିଏନ୍‌ଏ):** ଦଶରଥପୁର ବ୍ଲକ କଯାଁ ପଞ୍ଚାୟତସ୍ଥିତ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଞ୍ଝାରପୁର ବିଧାୟିକା ତଥା ସରକାରୀ ଦଳର ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ ମୁଖ୍ୟଅତିଥିଭାବେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଦଶରଥପୁର ବ୍ଲକ ଅଧକ୍ଷା ସୁଜାତା ସାହୁ, ବିଡ଼ିଓ ନାରାୟଣ ଚନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟ ସରୋଜ ମହାପାତ୍ର, ଦଶରଥପୁର ବ୍ଲକ ଉପାଧକ୍ଷ ରଞ୍ଜନ କୁମାର ପୃଷ୍ଟି, କଯାଁ ଗ୍ରାମ ପଞ୍ଚାୟତର ସରପଞ୍ଚ ମଞ୍ଜୁଲତା ବାରିକ୍, ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ନାୟକ,ପ୍ରିୟବ୍ରତ ବିଶ୍ୱାଳ, ଭଦ୍ରକ ଜିଲା ଆରଡ଼ି ସରପଞ୍ଚ ଅରବିନ୍ଦ ପାଢ଼ୀ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଜୟପ୍ରକାଶ ନାୟକଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାତ କୁମାର ଦାସ, ସହକାରୀ ଶିକ୍ଷକ ରାଜେଶ୍ୱର ରାଉତ, କମିଟିର ସଭ୍ୟ ଶରତ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

### କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

**ବାଲିକୁଦା, ୨୪।୧୨(ସ୍ୱ.ପ୍ର.):** ରାଜ୍ୟସ୍ତରୀୟ ଶ୍ରୀନିବା ରାମାନୁଜନ ଗଣିତ ମେଧାବୃତ୍ତି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ମା' ସରସ୍ୱବତୀ ବିଦ୍ୟାମନ୍ଦିର ଦେବହତାର ଦ୍ୱିତୀୟ ଶ୍ରେଣୀ ଛାତ୍ର ଅକ୍ଷାଂଶ ପ୍ରସାଦଙ୍କୁ ବାଲିକୁଦା ପ୍ରେସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କ୍ଲବ ଉପଦେଷ୍ଟା ପ୍ରଫୁଲ୍ଲ କୁମାର ଦାସ, ସଭାପତି ମନୋଜ ଦାଶ, ସମ୍ପାଦକ ତାପସ ସ୍ୱାଇଁ, ପରେଶ ଦାସ, ଅଜୟ କୁମାର ରାଉତ, ଚନ୍ଦ୍ରକାନ୍ତ ସ୍ୱାଇଁ ପ୍ରମୁଖ ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଉତ୍ତରୋତ୍ତର କାମନା କରିଛନ୍ତି। ଅକ୍ଷାଂଶ ସାମ୍ବାଦିକ ବିଧାନ ରାଉଳ ଓ ସିଙ୍ଗିରୀ 'ଖ' ଅଙ୍ଗନବାଡି କର୍ମୀ ଅନୁପମା ସ୍ୱାଇଁଙ୍କ ଏକ ମାତ୍ର ପୁତ୍ର। ଅକ୍ଷାଂଶ ଗତ ବର୍ଷ ଏହି ବୃତ୍ତି ପରୀକ୍ଷାରେ ମଧ ଅଂଶଗ୍ରହଣ କରି ପ୍ରତିଭା ସମ୍ମାନ ଅର୍ଜନ କରିଥିଲେ। ଚଳିତ ବର୍ଷ ରାଜ୍ୟସ୍ତରୀୟ ତାଲିକାରେ ସେ ସ୍ଥାନ ପାଇଥିବାରୁ ଏହି ଶ୍ରେୟ ସେ ତାଙ୍କଗୁରୁମା ଲତିକା ଓଝା ଓ ଗାଇଡ୍ ଗୁରୁଜୀ ନରେନ୍ଦ୍ର ମହାପାତ୍ରଙ୍କୁ ଦେଇଛନ୍ତି।

## ପାରାଦୀପ ପୌର ପ୍ରଶାସନର ସମନ୍ୱୟ ବୈଠକ

# କୌଶଳ ବିକାଶରେ ସାମିଲ ହେବେ କିନ୍ନର

**ପାରାଦୀପ, ୨୪।୧୨(ସ୍ୱ.ପ୍ର.)**



ପୌର ପ୍ରଶାସନର ସମନ୍ୱୟ ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ସମାଜରେ ବଞ୍ଚିବାକୁ କିନ୍ନରମାନେ ଅନେକ ସଂଘର୍ଷ କରିଥାନ୍ତି। ସେମାନଙ୍କ ରୋଜଗାର ଉତ୍ସଶୈଳୀ ଭିନ୍ନ ହୋଇଥାଏ। ତେଣୁ ଏସବୁକୁ ପରିବର୍ତ୍ତନ କରିବା ପାଇଁ ଏବେ ସରକାରୀ ଭାବେ ପ୍ରୟାସ ଆରମ୍ଭ ହୋଇଛି। ମଙ୍ଗଳବାର ପାରାଦୀପ ପୌର ପ୍ରଶାସନିକ ଭବନରେ କିନ୍ନରଙ୍କ ଅଧିକାର ସମ୍ପର୍କରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା।

ସ୍ୱେଚ୍ଛାସେବୀ ସଙ୍ଗଠନ ଆଇଆର୍‌ଡିଏମଏସ୍ ଓ ଏସ୍‌ସିଏଏସ୍ ପକ୍ଷରୁ ମିଳିତ ଉଦ୍ୟମରେ ଆୟୋଜିତ ବୈଠକରେ ଭିନ୍ନଭିନ୍ନ ବିଭାଗ ପ୍ରତିନିଧି ଯୋଗ ଦେଇଥିଲେ। ସେଥିରେ କିପରି କିନ୍ନରଙ୍କ କିପରି କୌଶଳ ବିକାଶ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଜାତୀୟ ସହରାଞ୍ଚଳ ଜୀବିକା ମିଶନରେ ସେମାନଙ୍କୁ ସାମିଲ କରାଯାଇ କିପରି କର୍ମସଂସ୍ଥାନ ଯୋଗାଇ ହେବ, ମୌଳିକ ଅଧିକାର ଯଥା ବାସସ୍ଥାନ, ଶିକ୍ଷା, ପରିଚୟପତ୍ର ଦିଆଯିବ ସେ ସମ୍ପର୍କରେ ନିଷ୍ପତ୍ତି ହୋଇଥିଲା। ଏଥିସହ ରୋଜଗାର ପାଇଁ ଯେପରି ସ୍ୱୟଂ ସହାୟିକା ଗୋଷ୍ଠୀକୁ ତାଲିମ ଦିଆଯାଉଛି ସେହିପରି କିନ୍ନରଙ୍କୁ ତାଲିମ ଦିଆଯାଇ କର୍ମ ସଂସ୍ଥାନରେ ସାମିଲ କରିବାକୁ କ'ଣ ପ୍ରବଧାନ ଅଛି ସେ ସମ୍ପର୍କରେ ଜିଲା ଟିଜି ଅଫିସର ଡା. ଚନ୍ଦ୍ରିକା ଆଚାର୍ଯ୍ୟ ମତବ୍ୟକ୍ତ କରିଥିଲେ। ପୌରାଞ୍ଚଳରେ ଥିବା ୨୮ଜଣ କିନ୍ନରଙ୍କ ମଧ୍ୟରୁ ଏବେ ସୁଦ୍ଧା ୧୦ଜଣଙ୍କୁ ଆଧାର କାର୍ଡ ଓ ରାଶାନ କାର୍ଡ ଦିଆଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି କହିଥିଲେ। ସେମାନେ କିପରି ବ୍ୟାଙ୍କରେ ଖାତା ଖୋଲିବା ସହ ଋଣ ନେଇ ପାରିବେ ସେ ସମ୍ପର୍କରେ ୟୁକୋ ବ୍ୟାଙ୍କ ମ୍ୟାନେଜର ଅମରକାନ୍ତ ସାହୁ ମତବ୍ୟକ୍ତ କରିଥିଲେ। ବୈଷୟିକ ତାଲିମ, ରୋଜଗାରପନ୍ଥା ଆଦି ସମ୍ପର୍କରେ ବୈଷୟିକ ଟିମ୍ ସଦସ୍ୟ ଶୁଭାଶିଷ ସାମଲ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଧାକାନ୍ତ ମହାପାତ୍ର, ନିର୍ମଳ କୁମାର ସାହୁ ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ବୈଠକ ପରେ ପାରାଦୀପ କିନ୍ନର ସଂଘ ସଭାପତି ରାଧା ମା' ଆଗକୁ କାମ କରି ସମାଜର ମୁଖ୍ୟ ଶ୍ରୋତରେ ସାମିଲ ହୋଇ ସାମାଜିକ ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ ପାଇଁ ଚେଷ୍ଟା କରିବୁ ବୋଲି ମତ ରଖିଥିଲେ।

**ପୌରାଞ୍ଚଳରେ ଥିବା କିନ୍ନରଙ୍କ ମଧ୍ୟରୁ ୧୦ଜଣଙ୍କୁ ଆଧାର ଓ ରାଶନ କାର୍ଡ ଦିଆଯାଇଛି**

# ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ

**କୋରେଇ, ୨୪।୧୨ (ସ୍ୱ.ପ୍ର.)**

**ଏସ୍‌ପିଙ୍କୁ ଭେଟିଲେ ଜମି ମାଲିକ**


ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଜମି ମାଲିକ ।

କୋରେଇ ଥାନା ଅଧୀନ ରଘୁପୁର ଗ୍ରାମରେ ଜମି ମାଲିକଙ୍କ ଅଜାଣତରେ ବିଲରୁ ଧାନ କଟା ଯାଇଥିବା ନେଇ ଅଭିଯୋଗ ହୋଇଥିଲେ ବି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ଅଭିଯୋଗର ୧୯ ଦିନ ପରେ ବି ପୋଲିସ ଏ ନେଇ ପଦକ୍ଷେପ ନେଉ ନ ଥିବାରୁ ଜମି ମାଲିକ ତାରାକୋଟ ଗ୍ରାମର ରାମକୃଷ୍ଣ ସାହୁଙ୍କ ସ୍ତ୍ରୀ ପ୍ରୀତିପଦ୍ମା ମଙ୍ଗଳବାର ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏଥିସହ ଉପଜିଲାପାଳ ଉକ୍ତ ଧାନ ଜମିରେ ୧୪୪ ଧାରା ଜାରି କରିବା ସହ ଏହି ଜମି ସମ୍ପର୍କିତ ତଥ୍ୟ ଦାଖଲ କରିବାକୁ କୋରାଇ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପୋଲିସ ଏ ପର୍ଯ୍ୟନ୍ତ ଏହା ଦାଖଲ କରିନାହିଁ। ଫଳରେ ଅଭିଯୁକ୍ତମାନେ ୧୪୪ ଧାରାକୁ ଖାତିର ନ କରି ଧାନ କାଟିନେଲେ। ଥାନାରୁ ନ୍ୟାୟ ନ ମିଳିବାରୁ ପୋଲିସ ମୁଖ୍ୟାଳୟରେ ପ୍ରୀତିପଦ୍ମା ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ସୂଚନାଥାଉ କି, ତାରାକୋଟ ଗ୍ରାମର ରାମକୃଷ୍ଣ ସାହୁଙ୍କର ରଘୁପୁର ମୌଜାରେ ଥିବା ଜମି (ଖାତା ନମ୍ବର ୧୭୯/୮) ଓ ଖସଡା ନଂ. ୫୯୮, ରକବା ୦.୧୭ ଜମିରୁ କେହି ଧାନ କାଟି ନେଇଯାଇଥିବା ସେ ଜାଣିବାକୁ ପାଇଥିଲେ। ସେ ଏନେଇ ୫ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳର ଦୁଇ ଭାଇ ତାଙ୍କ ଜମିରୁ ଧାନ କାଟି ନେଇଥିବା ଓ ସେହି ଜମିକୁ ନିଜ ଜମି ବୋଲି ଦାବି କରୁଥିବା ରାମକୃଷ୍ଣ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ।

## ଜଗତ୍‌ସିଂହପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

# ଶିକ୍ଷା କେବଳ ଚାକିରି ନୁହେଁ, ଭଲ ମଣିଷ ପାଇଁ ଜରୁରୀ


ଶିଶୁମନ୍ଦିର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ଜଗତ୍‌ସିଂହପୁର ଅଫିସ, ୨୪।୧୨**

ଶିଶୁମନ୍ଦିର ହେଉଛି ନୈତିକ ଶିକ୍ଷାର ଏନ୍ତୁଡିଶାଳ। ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଶିଶୁ ମନ୍ଦିରରେ ମିଳିଥାଏ। ଶିକ୍ଷା କେବଳ ଚାକିରି ପାଇଁ ନୁହେଁ, ବରଂ ଭଲ ମଣିଷ ହେବା ପାଇଁ ଜରୁରୀ। ଶିକ୍ଷା ଗ୍ରହଣ କରି ଚାକିରି ପଛରେ ଧାଇଁବା ଅପେକ୍ଷା ଭଲ ମଣିଷ ହେବା ଆବଶ୍ୟକ। ସ୍ଥାନୀୟ ବଡ଼ବଜାରସ୍ଥିତ ଜଗତ୍‌ସିଂହପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୩ତମ ବାର୍ଷିକୋତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ରେଭେନ୍ସା ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ. ଅଶୋକ କୁମାର ଦାଶ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଏହି ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଜୀବନରେ ଯିଏ ଯେଉଁସ୍ତରରେ ଥାଆନ୍ତୁନା କାହିଁକି ଏ ଦିଗରେ ଯତ୍ନବାନ ହେବାକୁ ପଡିବ। ନଚେତ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ମୁଖ୍ୟବକ୍ତା ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗର ସମ୍ପାଦକ ରମେଶ ଚନ୍ଦ୍ର ଦାଶ ଯୋଗଦେଇ ଶିକ୍ଷା ଓ ସଂସ୍କାର ଉପରେ ଗୁରୁତ୍ୱାରୋପ କରି କହିଥିଲେ, ଶିଶୁ ମନ୍ଦିର ଯୋଜନାର ମୂଳ ଲକ୍ଷ୍ୟ ହେଉଛି ଛାତ୍ରୀଛାତ୍ର ସଂସ୍କାରିତ ହେବା ସହ ମୂଲ୍ୟବୋଧଭିତ୍ତିକ ନୈତିକ ଶିକ୍ଷା ଗ୍ରହଣ କରିବା। ଯାହାକି ତାଙ୍କୁ ସମାଜରେ ଭଲ ମଣିଷର ପରିଚୟ ଦେଇପାରିବ। ଉପଯୁକ୍ତ ଶିକ୍ଷାଦ୍ୱାରା ଆମେ ଏକ ଦୁର୍ନୀତିମୁକ୍ତ ଭାରତ ଗଠନ କରିପାରିବା ବୋଲି ଦାଶ ମତବ୍ୟକ୍ତ କରିଥିଲେ। ଉତ୍ସବରେ ପୌରୋହିତ୍ୟ କରି ଅନୁଷ୍ଠାନ ସଭାପତି ଅଧାପକ ଭଗବାନ ଦାଶ ବିଦ୍ୟାଳୟର ଆଗାମୀ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସଭାଆରମ୍ଭରେ ବିଦ୍ୟାଳୟ ସମ୍ପାଦକ ମଳୟ ଲେଙ୍କା ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ଓ ପ୍ରଧାନ ଆଚାର୍ଯ୍ୟ ମଦନ ମୋହନ ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ଆଚାର୍ଯ୍ୟ ଜଗନ୍ନାଥ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ବରିଷ୍ଠ ଆଚାର୍ଯ୍ୟ ପ୍ରଦ୍ୟୁମ୍ନ କୁମାର ନାୟକ ସଂଯୋଜନା କରିଥିଲେ। ପରେ ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମ ମୂର୍ଚ୍ଛନା ଓ ନୃତ୍ୟଭିତ୍ତିକ ନୂପୁର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ କିଶୋର ରାୟ, ସୁରେନ୍ଦ୍ରନାଥ ମହାନ୍ତି, ବସନ୍ତ ଲେଙ୍କା, ଶ୍ରୀକାନ୍ତ ରାଉତରାୟ, ଆଲୋକ ଖଟୁଆ, ନିହାର ରଞ୍ଜନ ମହାପାତ୍ର, ଗୋବିନ୍ଦ ପ୍ରସାଦ ନାୟକ, ସୌଭାଗ୍ୟ ନାୟକ, ପ୍ରିୟଙ୍କା ନାୟକ ଓ ସୁକାନ୍ତିବାଳା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟ ଯୁଗ୍ମ ସମ୍ପାଦକ ନଳିନୀକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଆଜି ଧର୍ମଶାଳା ମହୋତ୍ସବ

**ଧର୍ମଶାଳା, ୨୪।୧୨(ଡି.ଏନ୍.ଏ.)**

ସର୍ବଧର୍ମ ସମନ୍ୱୟର ପ୍ରତୀକ ଧର୍ମଶାଳା ମହୋତ୍ସବ ପୂଜା କମିଟି ଜାରକା ପକ୍ଷରୁ ଲକ୍ଷ୍ମୀନାରାୟଣ ପୂଜା ଉପଲକ୍ଷେ ଚଳିତ ବର୍ଷ ୧୫ତମ ଧର୍ମଶାଳା ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହେବ। ଉଦ୍‌ଘାଟକ ଭାବେ ପଞ୍ଚାୟତିରାଜ ଆଇନ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେବେ । ମୁଖ୍ୟଅତିଥି ଭାବେ ଶିଳ୍ପ ଓ ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟବକ୍ତା ଭାବେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଯାଜପୁର ଏମ୍‌ପି ସର୍ମିଷ୍ଠା ସେଠୀ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେବେ। ଉଦ୍‌ଘାଟନ ଉତ୍ସବ ପରେ ପରେ ଜଟଣୀର ନୃତ୍ୟଶ୍ରୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମହୋତ୍ସବରେ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି କମିଟିର ସଭାପତି ଜଳଧର ମହାନ୍ତି ଓ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ବିଜୁ ଗ୍ରାମୀଣ ବଜାର ଓ କଲ୍ୟାଣ ମଣ୍ଡପର ଫିଟିଲା ଭାଗ୍ୟ

# ନିର୍ମାଣର ୧୧ବର୍ଷ ପରେ ଉଦ୍‌ଘାଟନ

**ଦଶରଥପୁର, ୨୪।୧୨(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ ଥାଲକୁଡି ପଞ୍ଚାୟତରେ ନିର୍ମାଣ ହୋଇଥିବା ବିଜୁ କଲ୍ୟାଣମଣ୍ଡପ ଓ ବିଜୁଗ୍ରାମୀଣ ବଜାର ଶେଷରେ ଉଦ୍‌ଘାଟିତ ହୋଇଛି। ନିର୍ମାଣ ଶେଷ ହେବାର ୧୧ବର୍ଷ ପରେ ବିଧାୟିକା ପ୍ରମିଳା ମଲ୍ଲିକ ମଙ୍ଗଳବାର ଏହାକୁ ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ ଦୁଇଦୁଇ ଥର ଉଦ୍‌ଘାଟନ ପାଇଁ ଫଳକ ଲାଗିଥିଲେ ସୁଦ୍ଧା ଏହା ହୋଇପାରି ନ ଥିଲା। ପ୍ରକାଶ ଯେ, ୨୦୦୪ ଜାନୁୟାରୀ ୧୪ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ୨ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାର ୪ବର୍ଷ ପରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ଅର୍ଥାତ ୨୦୦୮ରୁ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ଏହାକୁ ପୂର୍ବରୁ ଉଦ୍‌ଘାଟନ ନ କରାଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସବୁଠରୁ ମୁଖ୍ୟ କଥା ହେଲା ଯେ, ଏହି କଲ୍ୟାଣ ମଣ୍ଡପ ନିକଟରେ ବିଧାୟିକା ଏବଂ ବହୁ ନେତା ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ସୁଦ୍ଧା କେହି ଏହା ପ୍ରତି ଦୃଷ୍ଟି ଦେଉ ନ ଥିଲେ। ଏନେଇ ଗଣମାଧମରେ ପ୍ରକାଶ ପାଇବା ପରେ ଏବେ ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯାଜପୁର ବିଜେଡିସଭାପତି ସରୋଜ ମହାପାତ୍ର, ଦଶରଥପୁର ପଞ୍ଚାୟତ ସମିତି ଅଧକ୍ଷା ସୁଜାତା ସାହୁ, ଉପାଧକ୍ଷ ରଞ୍ଜନ ପୃଷ୍ଟି, ଥାଲକୁଡି ସରପଞ୍ଚ ଆନନ୍ଦ ଚନ୍ଦ୍ର ବାରିକ, ଜିଲାପରିଷଦ ସଭ୍ୟା ମାମିନା ମଲ୍ଲିକ, ନିନାରାଣୀ ସାମଲ, ସଞ୍ଜିବ ସାମଲ, ସରପଞ୍ଚ ମନୋରଞ୍ଜନ ଦାସ, ପୂର୍ବତନ ସରପଞ୍ଚ ଧିରେନ୍ଦ୍ର ମଲ୍ଲିକ, ଚିତ୍ତରଞ୍ଜନ ନାୟକ, ବିଜୟ ପାତ୍ର, ଆକାଶ ବାରିକ, ଚିନୁ ଦାସ, ସୁବୋଧ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


କେନ୍ଦ୍ରାପଡ଼ା ସହରର ଗୋପଠାରେ ମଙ୍ଗଳବାର ସନ୍ଧ୍ୟାରୁ ତୁଳସୀ ପାର୍କକୁ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି।

# ଦୁର୍ଘଟଣାଗ୍ରସ୍ତ ହାଇୱାକୁ ଧକ୍କାଦେଲା ଟ୍ରକ୍, ଚାଳକ ଗୁରୁତର

**କୋରେଇ, ୨୪।୧୨ (ସ୍ୱ.ପ୍ର.)**

ପାଣିକୋଇଲି ଥାନା ଅଧୀନ ୨୦ ନଂ. ଜାତୀୟ ରାଜପଥର ପାଣିକୋଇଲି-ଯାଜପୁର ରୋଡ୍ ରାସ୍ତାକଡ଼ରେ ଦୁର୍ଘଟଣାଗ୍ରସ୍ତ ହୋଇ ପଡ଼ିରହିଥିବା ଏକ ହାଇୱାକୁ ସୋମବାର ଲୁହାପଥର ବୋଝେଇ ଏକ ଟ୍ରକ (ଓଆର୍-୦୪କେ-୭୪୭୫) ଧକ୍କା ଦେଇଛି। ଏଥିରେ ଟ୍ରକ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ପାଣିକୋଇଲି ଥାନା ଅଧୀନ ଗୋଳେଇପୁର ପଞ୍ଚାୟତ ସୋତି ଗ୍ରାମର ଅଦ୍ୱୈତ ମଲିକଙ୍କ ପୁଅ ପ୍ରମୋଦ(୩୦)। ଖବରପାଇ ପାଣିକୋଇଲି ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ପ୍ରମୋଦଙ୍କୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପରେ ତାକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଗାଡି ୨ଟିକୁ ପୋଲିସ ଜବତ କରିଛି । ସୂଚନାଥାଉ କି, ୩ ଦିନ ତଳେ ଉକ୍ତ ହାଇୱା (ଓଡ଼ି-୦୪-୯୬୭୫) ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ହେଲେ ଏହାକୁ ରାସ୍ତା କଡ଼ରୁ ହଟା ଯାଇ ନ ଥିବା ବେଳେ ଘନ କୁହୁଡ଼ି ଯୋଗୁ ଟ୍ରକ ଡ୍ରାଇଭର ଏହାକୁ ଦେଖିପାରି ନ ଥିଲେ।

# ହନୁମାନ କୃପା ପରିଷଦର ବାର୍ଷିକୋତ୍ସବ

**ତିର୍ତ୍ତୋଲ, ୨୪।୧୨(ଡି.ଏନ.ଏ.):**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର(ଶଙ୍ଖେଶ୍ୱର) ଗ୍ରାମର ହନୁମାନଜୀଉ ମନ୍ଦିର ପରିସରରେ ହନୁମାନ କୃପା ପରିଷଦର ୧୪ତମ ବାର୍ଷିକୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥିଭାବେ ଶାରଳା ମନ୍ଦିରର ବରିଷ୍ଠ ସେବାୟତ ରମାକାନ୍ତ ରାଉଳ, ସମ୍ମାନିତ ଅତିଥି ଦିଲ୍ଲୀ ଦୂରଦର୍ଶନର ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟର ନିତ୍ୟାନନ୍ଦ ଜେନା, ସ୍ଥାନୀୟ ସରପଞ୍ଚ କୃଷ୍ଣପ୍ରସାଦ ଦାସ, ଝଙ୍କଡ ସାହିତ୍ୟ ସଂସଦ ସମ୍ପାଦକ ଗୋଲୋକ ବିହାରୀ ପଲାଇ, ଅଧାପକ କ୍ଷୀରୋଦ ପ୍ରସାଦ ନାୟକ, ପୂର୍ବତନ ସରପଞ୍ଚ ନିଲୁ ଚରଣ ଜେନା, ବସନ୍ତ ମହାନ୍ତି, ବିଭୁତି ସ୍ୱାଇଁ, ପୀତବାସ ଷଡଙ୍ଗୀ, ରଶ୍ମିରଞ୍ଜନ ମହାପାତ୍ର, ରଞ୍ଜିତ ମହାନ୍ତି, ପ୍ରଭାତ ରଞ୍ଜନ କର ପ୍ରମୁଖ ଯୋଗ ଦେଇଥିଲେ। ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମର ଏକକ ଅଭିନୟରେ ଖୋସଲପୁରର ରମାକାନ୍ତ ପରିଡାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ପଣ୍ଡିତ ଅଭୟ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପରିଷଦ ସଭାପତି ରଞ୍ଜନ ବେହେରା, ସୁକାନ୍ତ କୁମାର ବେହେରାଙ୍କ ସହ ପରିଷଦର ସଭ୍ୟମାନେ ପରିଚାଳନା କରିଥିଲେ। ପୁସ୍ତକାଚାର୍ଯ୍ୟ ପଣ୍ଡିତ ନିରଞ୍ଜନ ଦାଶ ଯଜ୍ଞ ମଣ୍ଡପରେ ପୂଜା କାର୍ଯ୍ୟ କରିଥିଲେ। ନୂତନ ସତସଙ୍ଗ ମଣ୍ଡପକୁ ପଣ୍ଡିତ ପ୍ରଭାତ ରଞ୍ଜନ କର ଉଦ୍‌ଘାଟନ କରିଥିଲେ।



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ମହିଳାଙ୍କ ବେକରୁ ଚେନ୍ ଝାମ୍ପିଲେ ଦୁର୍ବୃତ୍ତ

**ଜଗତ୍‌ସିଂହପୁର ଅଫିସ, ୨୪।୧୨**

ଜଗତ୍‌ସିଂହପୁର ବସ ଷ୍ଟପ୍ ନିକଟ ଏକ ଗଳିରେ ମଙ୍ଗଳବାର ମଧାହ୍ନରେ ଦୁର୍ବୃତ୍ତ ଜଣେ ମହିଳାଙ୍କ ବେକରୁ ଚେନ୍ ଝାମ୍ପି ନେଇଛନ୍ତି। ସମ୍ପୃକ୍ତ ମହିଳା ହେଲେ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ପୋକପୁରର ସ୍ମୃତିରଞ୍ଜନ ଦାସଙ୍କ ସ୍ତ୍ରୀ ମଧୁସ୍ମିତା ଚୌଧୁରୀ। ସେ ତାଙ୍କ ବାପ ଘର ସ୍ଥାନୀୟ ଦେଉଳୀଗ୍ରାମେଶ୍ୱର ଯାଉଥିଲେ। ବସ ଷ୍ଟପ୍ ସାମ୍ନା କେନାଲ ଆରପଟ ଫଳ ଦୋକାନରୁ ପାଖାପାଖି ୨୦୦ ମିଟର ଦୂର ବାଙ୍କ ମୁଣ୍ଡରେ ହେଲା ବେଳକୁ ଏକ ବାଇକ୍‌ରେ କଳା ରଙ୍ଗର ଜ୍ୟାକେଟ୍ ପିନ୍ଧିଥିବା ୨ ଜଣ ଯୁବକ ପଛପଟୁ ଆସି ତାଙ୍କ ବେକରୁ ଏକ ସୁନା ଚେନ୍ ଓ ଗୋଟିଏ ଲକେଟ୍ ଛିଡାଇ ଖସି ଯାଇଥିଲେ। ଏ ସମ୍ପର୍କରେ ଚୌଧୁରୀ ଥାନାରେ ଅଭିଯୋଗ କଲା ପରେ ପୋଲିସ ମାମଲା ସଂଖ୍ୟା ୪୬୮/୧୯ ରୁଜୁ କରି ତଦନ୍ତ ଚଳାଇଛି।

# ଆଖୁଚାଷୀଙ୍କୁ ସରକାରୀ ପ୍ରୋତ୍ସାହନ

## ମାଗଣାରେ ମିଳିବ ଖତ, କୀଟନାଶକ ଟ୍ରାଇକୋକାର୍ଡ

**ରସୁଲପୁର, ୨୪।୧୨ (ଡି.ଏନ୍.ଏ.)**

ବ୍ୟୟବହୁଳ ଚାଷ, ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ନ ମିଳିବା ଆଦି କାରଣରୁ ଲାଭକାରୀ ଫସଲ ଆଖୁ ଚାଷରୁ ଏବେ ଚାଷୀ ମୁହଁ ଫେରାଉଛନ୍ତି। ରସୁଲପୁର ବ୍ଲକ ଅଞ୍ଚଳର ଚାଷୀମାନେ ମଧ ଏହି ସମସ୍ୟାର ସମ୍ମୁଖୀନ ହେଉଥିବାରୁ ବ୍ଲକ ଅଞ୍ଚଳରେ ଦିନକୁ ଦିନ ଆଖୁଚାଷ ପରିମାଣ କମିବାରେ ଲାଗିଛି। ଆଖୁଚାଷ ଲାଭଦାୟକ ହେଉ ନଥିବାରୁ ଚାଷୀମାନେ ଅନ୍ୟ ଚାଷକୁ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ତେବେ ଏ ଦିଗରେ ସୁଧାର ଆଣିବା ସହ ଆଖୁଚାଷୀଙ୍କୁ ପ୍ରୋତ୍ସାହିତ କରିବା ସକାଶେ ସରକାରୀ ପ୍ରୋତ୍ସାହନ ଦିଆଯିବ। ଏ ସମସ୍ତ ସମସ୍ୟାର ସମାଧାନ ପାଇଁ ବ୍ଲକ ଅଞ୍ଚଳର ୧୯୦ ଚାଷୀଙ୍କୁ ସହାୟତା ମିଳିବ ବୋଲି ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଚାଷୀମାନଙ୍କୁ ମାଗଣାରେ କମ୍ପୋଷ୍ଟ ଖତ, ଆଜେଟୋ ବ୍ୟାକ୍ଟର, କୀଟନାଶକ ଟ୍ରାଇକୋକାର୍ଡ ପ୍ରଦାନ କରାଯିବ। ଏଥିସହ ଆଖୁ କିଆରିକୁ ପୁନଃ ସଂରକ୍ଷଣ ଓ କୋଡ଼ାଖୁସା କରି ଆର୍ଦ୍ରତା ସଂରକ୍ଷଣ ସକାଶେ ଏକର ପିଛା ୧୨ଶହ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି କୃଷି ଅଧିକାରୀ ଭାଗ୍ୟଧର ସାହୁ ସୂଚନା ଦେଇଛନ୍ତି।

ବ୍ଲକ ଅଧୀନ ୨୮ଟି ପଞ୍ଚାୟତର ୧୨ହଜାର ହେକ୍ଟର ଚାଷଜମି ରହିଛି। ପୂର୍ବରୁ ପ୍ରାୟତଃ ୫ ହଜାରରୁ ଉର୍ଦ୍ଧ୍ୱ ଏକର ଚାଷଜମିରେ ଆଖୁଚାଷ ହେଉଥିବା ବେଳେ ଏବେ ଏହାର ପରିମାଣ ୩,୭୦୦ହେକ୍ଟରରେ ପହଞ୍ଚିଲାଣି। ବ୍ଲକ ଅଞ୍ଚଳରେ ପ୍ରାୟ ୩ଶହ ଚାଷୀ ଆଖୁଚାଷ କରୁଥିବା ବେଳେ ସେମାନଙ୍କୁ ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ମିଳୁନାହିଁ। ତେଣୁ ବ୍ଲକର ୧୯୦ ଅଗ୍ରଣୀ ଚାଷୀଙ୍କୁ ସରକାରୀ ପ୍ରୋତ୍ସାହନ ଦିଆଯିବା ପାଇଁ ସ୍ଥିର କରାଯାଇଛି। ଗୋଟିଏ ଏକରରେ ହାରାହାରି ୨୫ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସରକାର ସାର, ଔଷଧ, ଆଖୁ ଫସଲପାଇଁ ଲାଭକାରୀ ପୋକ ପ୍ରଦାନ କରାଯିବା ଛଡା ଆର୍ଥିକ ସହାୟତା ମଧ ପ୍ରଦାନ କରିବେ। ଗୋଟିଏ କ୍ଷେତରେ ଆଖୁଚାଷ ଆରମ୍ଭ କଲେ ଏହି ଚାଷ ଅତିକମ୍‌ରେ ୩ବର୍ଷ ପର୍ଯ୍ୟନ୍ତ ସଂରକ୍ଷିତ କରାଯାଇପାରିବ। ଆଖୁ କାଟିବା ପରେ ତାର ମୂଳକୁ ସଂରକ୍ଷଣ କରି ରଖିବା ପାଇଁ ଏକର ପିଛା ହାରାହାରି ୫ହଜାର ଟଙ୍କା ସରକାରୀ ପ୍ରୋତ୍ସାହନ ଦିଆଯିବ। ଏଥିପାଇଁ ଚାଷୀମାନେ ଆବଶ୍ୟକ ପ୍ରମାଣପତ୍ର ସହ ବିଲ୍‌ରେ ଆଖୁଚାଷ ସଂରକ୍ଷଣ ବ୍ୟବସ୍ଥା ପାଇଁ କରାଯାଉଥିବା ପ୍ରଣାଳୀର ଫଟୋ ଦେଖାଇବା ପରେ ଚାଷୀଙ୍କ ଜମାଖାତାକୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ସହକାରୀ କୃଷି ଅଧିକାରୀ ସାହୁ ପ୍ରକାଶ କରିଛନ୍ତି। ଚିହ୍ନିତ ଚାଷୀମାନଙ୍କୁ ଗ୍ରାମ୍ୟ କୃଷି ସେବକମାନଙ୍କ ସହାୟତାରେ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗ
## ମହିଳା ଆୟୋଗ ଅଧ୍ୟକ୍ଷାଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ):** ବଞ୍ଚାରପୁର ଥାନା ଅଳକୁଣ୍ଡ ପଞ୍ଚାୟତର ଜଣେ ନାବାଳିକାଙ୍କୁ ଦୁର୍ବ୍ୟବହାର କରାଯାଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ସ୍ଥାନୀୟ ଅଞ୍ଚଳରେ ବାଣ ଭିଡ଼ା ପ୍ରସଙ୍ଗକୁ ନେଇ ପାଟିଗୋଳ ଚାଲିଥିବାବେଳେ ନାବାଳିକା ଜଣଙ୍କ ସେଠାରେ ଉପସ୍ଥିତ ରହି ଭିଡିଓ ରେକର୍ଡିଂ କରୁଥିଲେ। ଏହି ସମୟରେ ଉକ୍ତ ଗ୍ରାମର ୬ଜଣ ବ୍ୟକ୍ତି ନାବାଳିକାଙ୍କୁ ଅସଭ୍ୟ ଭାଷାରେ ଗାଳିଦେବା ସହ ଦୁର୍ବ୍ୟବହାର କରିଥିବା ନେଇ ଥାନାରେ ଏତଲା ଦିଆଯାଇଥିଲା। କିନ୍ତୁ ଥାନା ଅଧିକାରୀ ଏତଲା ଗ୍ରହଣ କରିବା ପରିବର୍ତ୍ତେ ନାବାଳିକାଙ୍କୁ ପଲଟା ଦୁର୍ବ୍ୟବହାର କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏଭଳି ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ମହିଳା କଂଗ୍ରେସର କାର୍ଯ୍ୟକାରୀ ଅଧକ୍ଷା ବନ୍ଦିତା ପରିଡ଼ା କହିଛନ୍ତି। ଏ ସମ୍ପର୍କରେ ଏସ୍‌ପିଙ୍କୁ ଜଣାଇବାପରେ ଏତଲା ଗ୍ରହଣ କରାଯାଇଛି ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୧୫ଜଣିଆ ପ୍ରତିନିଧିମଣ୍ଡଳୀ ନାବାଳିକାଙ୍କ ପରିବାରବର୍ଗଙ୍କ ସହ ରାଜ୍ୟ ମହିଳା ଆୟୋଗ ଅଧକ୍ଷା ମିନତି ବେହେରାଙ୍କୁ ସାକ୍ଷାତ କରିଛନ୍ତି। ଦୁର୍ବ୍ୟବହାର କରିଥିବା ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି କଂଗ୍ରେସ ପ୍ରତିନିଧି ଦଳ ଦାବି କରିଛି।

# ମା'ଙ୍କ ଶ୍ରାଦ୍ଧବାର୍ଷିକରେ ଗଲା ପୁଅ ଜୀବନ

- ସମାଧି ନିକଟରେ ପଣା ଦେଇ ଫେରୁଥିବାବେଳେ ଦୁର୍ଘଟଣାର ଶିକାର
- କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ
- ୪ଦିନ ମଧରେ ଗୋଟିଏ ସ୍ଥାନରେ ୨ଜଣଙ୍କ ମୃତ୍ୟୁ

**ବରୀ(ସ୍ୱ.ପ୍ର)/ ରତ୍ନଗିରି(ଡି.ଏନ୍.ଏ), ୨୪।୧୨**


କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକଙ୍କ ରାସ୍ତାରୋକୋ।

ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ବରୀ-କୁଆଖିଆ ରାସ୍ତାର ମାଳଦାଛକରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ମା'ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକରେ ସମାଧି ନିକଟରେ ପଣା ଦେଇ ମୋଟରସାଇକେଲରେ ଘରକୁ ଫେରୁଥିବାବେଳେ ଅନ୍ୟଏକ ବାଇକ ସହ ମୁହାଁମୁହିଁ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଜଳେଶ୍ୱର ଗ୍ରାମର ହରିହର ସାହୁ(୪୮)। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଯୁବକ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଗ୍ରାମବାସୀ ମୃତକଙ୍କ ପରିବାରୁ କ୍ଷତିପୂରଣ ଦାବିରେ ସନ୍ଧ୍ୟାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ବରୀ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଗୋଟିଏ ସ୍ଥାନରେ ୩୬ଘଣ୍ଟା ମଧରେ ୨ଟି ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିବାକୁ ନେଇ ସ୍ଥାନୀୟ ଲୋକଙ୍କ ମଧରେ ଉତ୍ତେଜନା ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ହରିହରଙ୍କ ମା'ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଥିଲା। ସେଥିପାଇଁ ଆବଶ୍ୟକ ବିଧି ପାଳନ କରିବା ପରେ ସେ ମା'ଙ୍କ ସମାଧି ନିକଟକୁ ପଣା ଦେବାକୁ ଯାଇଥିଲେ। ସେଠାରୁ ମୋଟରସାଇକେଲ ଯୋଗେ ଫେରିବାବେଳେ ମାଳଦାଛକରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ହରିହର ଏବଂ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ହରିହରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରାହ୍ନ ୫ଟାରେ ହରିହରଙ୍କ ମୃତ୍ୟୁ ଖବର ପାଇବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା। ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦୀର୍ଘସମୟ ଧରି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ରାସ୍ତା ଅବରୋଧ ଯୋଗୁ ଯାତାୟାତରେ ନାହିଁ ନ ଥିବା ଅସୁବିଧା ସୃଷ୍ଟି ହୋଇଥିଲା। ଖବର ପାଇ ଏସ୍‌ଡିପିଓ ରବୀନ୍ଦ୍ର କୁମାର ଜେନା, ବରୀ ଥାନା ଅଧିକାରୀ ମାର୍କଣ୍ଡ ମିଶ୍ର ପହଞ୍ଚି ସ୍ଥାନୀୟ ଲୋକ ଓ ପରିବାର ସଦସ୍ୟଙ୍କ ସହିତ ଆଲୋଚନା କରି ରେଡ୍‌କ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରୁ ୨ହଜାର ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି। ରାସ୍ତା ପାର୍ଶ୍ୱରୁ ଜବରଦଖଲ କରି ବସୁଥିବା ଉଠାଦୋକାନୀଙ୍କୁ ଉଚ୍ଛେଦ କରିବା ପାଇଁ ପୋଲିସ ପ୍ରତିଶ୍ରୁତି ଦେବା ପରେ ରାତି ସାଢ଼େ ୯ଟାରେ ରାସ୍ତାରୋକୋ ହଟିଥିଲା।

ଅପରପକ୍ଷରେ ବରୀକୁଆଖିଆ ରାସ୍ତାର ମାଳଦା ଛକରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଗତ ୨୧ତାରିଖରେ ସେହି ସ୍ଥାନରେ ଏକ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଥିଲା। ଅଧିକାଂଶ ବାଇକ୍ ଆରୋହୀ ଦ୍ରୁତଗତି ଓ କାନରେ ମୋବାଇଲ ଲଗାଇ କଥା ହୋଇ ଗାଡ଼ି ଚଳାଉଥିବାରୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଛି। ଏପରି କି ରାସ୍ତାପାର୍ଶ୍ୱରେ ଜବରଦଖଲ କରି ଦୋକାନ ଗଢ଼ି ଉଠିଥିବାରୁ ଭଳି ସମସ୍ୟା ସୃଷ୍ଟି ହେଉଛି। ପୋଲିସ ଟ୍ରାଫିକ ନିୟନ୍ତ୍ରଣ ପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି। ସ୍ୱର୍ଗତ ହରିହର ଖବରକାଗଜ ବିତରଣ କରିବା ସହିତ ବାଲିଆପାଳ ଛକରେ ଏକ ପାନଦୋକାନ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ବରୀ ପ୍ରେସ୍ କ୍ଲବ ପକ୍ଷରୁ ଖବରଦାତା ବାଞ୍ଛାନିଧି ସାହୁ, ହିମାଂଶୁ ଶେଖର ଦାଶ, ସ୍ନେହାଂଶୁ ଶେଖର ମହାନ୍ତି, ଦର୍ଶନ ବେହେରା, ବିଶ୍ୱଭୂଷଣ ଜେନା, ପ୍ରସନ୍ନ ପରିଡା, ରବୀନ୍ଦ୍ର ମଲ୍ଲିକ, ମନୋଜ ରାୟ, ଘନଶ୍ୟାମ ବିଶ୍ୱାଳ, ପ୍ରଦୀପ ମହାରଣା, ଅରବିନ୍ଦ ରାଉତ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବାଲିଆପାଳ ମା' ତାରିଣୀ ବଣିକ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇ ଦୋକାନବଜାର ବନ୍ଦ ରହିଛି।

## ଦୁର୍ଘଟଣାରେ ନାତିର ମୃତ୍ୟୁ, ଅଜା ଆହତ

**ଧର୍ମଶାଳା,୨୪।୧୨(ଡି.ଏନ୍.ଏ.):** ଧର୍ମଶାଳା ଥାନା ୧୬ ନମ୍ବର ଜାତୀୟ ରାଜପଥର ଭାଲୁଖାଇ ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଗାଡି ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ଅଜା ଗୁରୁତର ଆହତ ହୋଇଛନ୍ତି। ଏନେଇ ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥକୁ କିଛି ସମୟ ପାଇଁ ଅବରୋଧ କରିଥିଲେ। ଫଳରେ ଉକ୍ତ ରାସ୍ତାଦେଇ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏହି ଥାନା ଅନ୍ତର୍ଗତ ଚହଟା ଗ୍ରାମର ସେକ୍ ଲାଲୋ ନିଜ ବାଇକରେ ତାଙ୍କ ନାତିକୁ ବସାଇ ଘରକୁ ଫେରୁଥିଲେ। ଭାଲୁଖାଇଠାରେ ରାସ୍ତା ପାର ହେଉଥିବାବେଳେ ଏକ ଗାଡ଼ି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ନାବାଳକ ନାତିଙ୍କ ମୃତ୍ୟୁ ଘଟିଥିବାବେଳେ ଲାଲୋ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଦୁର୍ଘଟଣାରେ ଆହତ ଲାଲୋଙ୍କୁ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପରେ ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇବା ସହ ଏସମ୍ପର୍କରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଶିଶୁମେଳା
# ୩ ବର୍ଗରେ ଭାଗନେଲେ ୧୨୩୫ ପ୍ରତିଯୋଗୀ


ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

**ରସୁଲପୁର, ୨୪।୧୨ (ଡି.ଏନ୍.ଏ.)**

ରସୁଲପୁର ମଣ୍ଡଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ବାହାଦଲାପୁର ପଞ୍ଚାୟତ ଚଣ୍ଡିମାତା ଉ.ପ୍ରା. ବିଦ୍ୟାଳୟ ପରିସରରେ ସୋମବାର ଶିଶୁ ମେଳା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସବ ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ୧୨୩୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୋରେଇ ବିଧାୟକ ଅଶୋକ କୁମାର ବଳ ମେଳାକୁ ଉଦ୍‌ଘାଟନ କରିଥିବା ବେଳେ ଜିଲା ସଂଘ ସଭାପତି ରବୀନ୍ଦ୍ର କୁମାର ପୃଷ୍ଟି ଶିଶୁ ମେଳା ପତାକା ଉତ୍ତୋଳନ କରି ପ୍ରତିଯୋଗିତା ଶୁଭାରମ୍ଭ କରିଥିଲେ। ଏହି ଅବସରରେକଛାତ୍ରୀଛାତ୍ରମାନଙ୍କ ମଧରେ ଚିତ୍ରାଙ୍କନ, ସାଧାରଣଜ୍ଞାନ, ସଂଗୀତ, ଏକକ ଅଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବ୍ଲକ ସଂଘ ସଭାପତି ପ୍ରମୋଦ କୁମାର ପ୍ରଧାନ ଅଧକ୍ଷତା କରିଥିଲେ। ଏଥିରେ ବ୍ଲକ ଶିକ୍ଷାଧିକାରୀ ଶାନ୍ତନୁ କୁମାର କର ମୁଖ୍ୟଅତିଥି, ଓଷ୍ଟା ସାଧାରଣ ସମ୍ପାଦକ ପ୍ରକାଶ କୁମାର ଜେନା ମୁଖ୍ୟବକ୍ତା ଓ ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀ ପ୍ରଫୁଲ୍ଲ ବେହେରା, ସ୍ଥାନୀୟ ସରପଞ୍ଚ ମାମି ମହାନ୍ତି, ଓଲଷ୍ଟା ପକ୍ଷରୁ ଜନାର୍ଦ୍ଦନ ଦାସ, ଜୟପ୍ରକାଶ, ନିର୍ମଳ ପଣ୍ଡା, ଶିକ୍ଷାବିତ୍ ବୈରାଗୀ ଚରଣ ଘଡ଼ାଇ, ଶିକ୍ଷକ ନେତା ସୁବାସ ବେହେରା, ବିଭୂତି ପାଳ, ହୃଷୀକେଶ ସାମଲ, ବିଜୟ କୁମାର ଶତପଥୀ, ରତ୍ନାକର ଦଳେଇ, ହିମାଂଶୁ ସାମଲ, ବିମଳ ପ୍ରସାଦ ନାୟକ, ପ୍ରଦୀପ ସାମଲ, ସୁବାସ ଚନ୍ଦ୍ର ପାଢ଼ୀ, ଚିତ୍ତରଞ୍ଜନ ଦାସ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ଶତାୟୁ ବୃଦ୍ଧଙ୍କ ପରଲୋକ

**ଧର୍ମଶାଳା,୨୪।୧୨(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ବଡ଼ମଙ୍ଗଳପୁର ଗ୍ରାମର କୃଷ୍ଣଚନ୍ଦ୍ର ନାୟକ(୧୦୮)ଙ୍କ ମଙ୍ଗଳବାର ତାଙ୍କ ବାସଭବନରେ ପରଲୋକ ହୋଇଛି। ସ୍ୱର୍ଗତ କୃଷ୍ଣଚନ୍ଦ୍ର ଅସୁସ୍ଥ ହୋଇ ନିଜ ଘରେ ଚିକିତ୍ସାଧୀନ ଥିଲେ। ପରଲୋକ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ବିଧାୟକ କାଙ୍ଗାଳି ଚରଣ ପଣ୍ଡା, ରବି ଲାବଣ୍ୟ, ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପୂର୍ବତନ ବ୍ଲକ ଅଧକ୍ଷ କିଶାନ ପଣ୍ଡା କୃଷ୍ଣଚନ୍ଦ୍ରଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶାନ୍ତି ବଜାରସ୍ଥିତ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଏକ ମାତ୍ର ପୁତ୍ର ଅନନ୍ତ ନାୟକ ମୁଖାଗ୍ନୀ ଦେଇଥିଲେ।




# ବେଆଇନ ପିଚୁ ପ୍ଲାଣ୍ଟ ଉଚ୍ଛେଦ କଲା ପ୍ରଶାସନ

**ଜେନାପୁର/ଚଢ଼େଇଧରା, ୨୪।୧୨(ଡି.ଏନ୍.ଏ.)**

### ୧୫ଦିନ ମଧରେ ଜମି ଖାଲି କରିବାକୁ ନିର୍ଦ୍ଦେଶ


ତହସିଲ ପକ୍ଷରୁ ପିଚୁ ପ୍ଲାଣ୍ଟ ଉଚ୍ଛେଦ କରାଯାଉଛି।

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ଅଞ୍ଜିରା ମୌଜା ମାଣ୍ଡିଆଗଡାଛକଠାରେ ଥିବା ଏକ ବେଆଇନ ପିଚୁ ପ୍ଲାଣ୍ଟକୁ ଉଚ୍ଛେଦ କରାଯାଇଛି। ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଉକ୍ତ ପିଚୁ ପ୍ଲାଣ୍ଟ ଉପରେ ଚଢ଼ାଉ କରାଯାଇ ଜେସିବି ମେଶିନ ସହାୟତାରେ ଘର ଓ ପାଚେରୀ ଭଙ୍ଗା ଯାଇଥିଲା। ଏହାସହ ପ୍ଲାଣ୍ଟ ରାସ୍ତାକୁ ଜେସିବିରେ ତାଡ଼ି ମେଶିନ, କଞ୍ଚାମାଲ ଆଦି ଆସବାପତ୍ରକୁ ୧୫ ଦିନ ମଧରେ ଖାଲି କରିବାକୁ ନୋଟିସ ଦିଆଯାଇଛି। ଏହି ଚଢ଼ାଉରେ ଉପଜିଲାପାଳ ନାରାୟଣ ଧଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ ବେହେରା, ଧର୍ମଶାଳା ତହସିଲଦାର ସରୋଜ ପଣ୍ଡା, ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ମହାନ୍ତି, ଜେନାପୁର ଥାନାଅଧିକାରୀ ସୁଶାନ୍ତ କୁମାର ଦାସ, ବଳରାମପୁର ଆରଆଇ ସୁଶାନ୍ତ କୁମାର ସ୍ୱାଇଁ, କାଏମା ଆରଆଇ ବିରଞ୍ଚି ବୋଇତେଇ, ନାକପୋଲ ଏଆରଆଇ ଚନ୍ଦନ କୁମାର ସାହୁଙ୍କ ସମେତ ପୋଲିସ ଫୋର୍ସ ସାମିଲ ଥିଲେ।

ସୂଚନାଯୋଗ୍ୟ ଯେ, ଚଣ୍ଡିଖୋଲ-ଡୁବୁରୀ ୫୩ ନଂ ଦ୍ୱରିତ ଜାତୀୟ ରାଜପଥର ମାତ୍ର ୨୦ ମିଟର ଦୂରରେ ବିନା ପରିବେଶ ମଞ୍ଜୁରୀରେ ଜଗାବଳିଆ ପିଚୁ ପ୍ଲାଣ୍ଟ ଚାଲିଥିଲା। ପ୍ଲାଣ୍ଟଟି ଅଞ୍ଜିରା ମୌଜାର ଖାତା ନମ୍ବର ୧୭୨୮, ଖସଡା ନଂ ୬୪୦୪ ଓ ୬୪୦୫ରେ ଏ ୧.୪୦ ଡେସିମିଲ ଓ ଏ ୩.୫୦ ଡେସିମିଲ ଅନାବାଦୀ,ଜଙ୍ଗଲ କିସମ ଜମିରେ ଆଜକୁ ଦୀର୍ଘ ବର୍ଷ ଧରି ଗଢ଼ି ଉଠିଥିଲା। ଏଥିଯୋଗ ସଂପୃକ୍ତ ଅଞ୍ଚଳବାସୀ ବାୟୁ ଓ ଜଳ ପ୍ରଦୂଷଣ ଯୋଗୁ ନୟାନ୍ତ ହେଉଥିଲେ। ଏହାସହ ଅତ୍ୟଧିକ ଉତ୍ତାପ ବୃଦ୍ଧି ଲୋକଙ୍କ ଜୀବନ ଶୈଳିକୁ ବିପଦାପନ୍ନ କରୁଥିଲା। ଫଳରେ ବାଲିସାହି, ଭେଜିଗୋଠ, ମୁରାରୀପୁର, କୃଷ୍ଣଚନ୍ଦ୍ରପୁର, ରାମଚନ୍ଦ୍ରପୁର, ଶ୍ୟାମସୁନ୍ଦରପୁର, ଗୋଡିପାଟିଆ ଆଦି ଗ୍ରାମଗୁଡିକର ସ୍ଥାନୀୟ ବାସିନ୍ଦାମାନେ ଉକ୍ତ ପ୍ଲାଣ୍ଟକୁ ବାରମ୍ବାର ବିରୋଧ କରିଆସୁଥିଲେ। କିନ୍ତୁ ଜିଲା ପ୍ରଶାସନ କେବଳ ପ୍ରତିଶ୍ରୁତି ଦେଇ ଦିନ ଗଡାଇ ଚାଲିଥିଲା। ଏନେଇ ଧରିତ୍ରୀ ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଆଧାରରେ ଧର୍ମଶାଳା ତହସିଲଦାର ଗତ ୨୧ତାରିଖରେ ପ୍ରଶାସନ ପକ୍ଷରୁ ଏହି ବେଆଇନ ପ୍ଲାଣ୍ଟ ଉପରେ ଉଚ୍ଛେଦ ନୋଟିସ ଜାରି କରିଥିଲେ। ତେବେ ଜିଲା ପ୍ରଶାସନର ଏଭଳି ପଦକ୍ଷେପକୁ ପ୍ରଭାବିତ ଅଞ୍ଚଳବାସୀ ସ୍ୱାଗତ କରିବା ସହିତ ଆଗାମୀ ଦିନରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନର ଆଶା ରଖିଛନ୍ତି।







38
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ପଠାଣି ସାମନ୍ତ ମହାବିଦ୍ୟାଳୟରେ ଜୟନ୍ତୀ

ଭାପୁର, ୨୪।୧୨(ଡି.ଏନ୍.ଏ.): ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ୧୮୫ତମ ଜୟନ୍ତୀ ମଙ୍ଗଳବାର ଭାପୁର ବ୍ଲକ ପଠାଣି ସାମନ୍ତ କଲେଜରେ ପାଳିତ ହୋଇଯାଇଛି। ଏକ ନିରାଡ଼ମ୍ବର ଉତ୍ସବରେ ଅଧାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ସାମନ୍ତଙ୍କ ଅନବଦ୍ୟ କୃତୀ ବିଷୟରେ ଆଲୋଚନା ହୋଇଥିଲା। କଲେଜ ଅଧକ୍ଷ ସର୍ବେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପୂର୍ବତନ ଅଧକ୍ଷ ଗୋବର୍ଦ୍ଧନ ତ୍ରିପାଠୀ ମୁଖ୍ୟଅତିଥି, ଅଧାପକ ପ୍ରଦୀପ୍ତ କୁମାର ମିଶ୍ର ମୁଖ୍ୟବକ୍ତା ଓ କଣ୍ଠଶିଳ୍ପୀ ଭିକାରୀ ମହମ୍ମଦ, ଅଧାପକ ପ୍ରିୟରଞ୍ଜନ ରଥ, ବିରଞ୍ଚି ନାରାୟଣ ଶତପଥୀ, ଗିରୀଶ ଚନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ କଲେଜର ଛାତ୍ର ପ୍ରଯ୍ୟାମ୍ନା ରଥ ପଠାଣି ସାମନ୍ତଙ୍କ ଉଦ୍ଦେଶ୍ୟରେ ସଂଗୀତ ଗାନ କରିଥିଲେ।

### ରଘୁନାଥ ଟ୍ରଫି କ୍ରିକେଟ: ଆଙ୍ଗିସିଙ୍ଗି ବିଜୟୀ

ଓଡ଼ଗାଁ, ୨୪।୧୨(ସ୍ୱ.ପ୍ର.)- ଓଡ଼ଗାଁ ରଘୁନାଥ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଆନୁଷ୍ଠିତ ହେଉଥିବା ରଘୁନାଥ ଟ୍ରଫି ଟେନିସ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ୩ୟ ଦିବସ ମ୍ୟାଚରେ ଆଙ୍ଗିସିଙ୍ଗି ବିଜୟ ଲାଭ କରିଛି। ଆଙ୍ଗିସିଙ୍ଗି ପ୍ରଥମେ ବ୍ୟାଟିଂ କରି ୧୯.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୧ ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଆୟୋଜକ (ବି) ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ଓଇକେଟ ହରାଇ ୧୦୬ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଆଙ୍ଗିସିଙ୍ଗି ଦଳକୁ ବିଜୟୀ ଘୋଷଣା କରାଯାଇଥିଲା। କିଶୋର ଦେବ ମହାରଣା, ଅନିଲ କୁମାର ପଟ୍ଟନାୟକ, ମିଥୁନ ପାଣିଗ୍ରାହୀ, ଆଶିଷ କୁମାର ନାୟକ ଓ ରୋହନ ମହାରଣା ମ୍ୟାଚ ପରିଚାଳନା କରିଥିଲେ। ସାମାଜିକ କର୍ମୀ ସୂର୍ଯ୍ୟନାରାଣ ଚୌଧୁରୀ, ପ୍ରମୋଦ କୁମାର ପାତ୍ର ଓ ଜଗନ୍ନାଥ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ବୁଧବାର ଇଗଲ ସ୍ପୋର୍ଟସ ଗୋଡିପଲ୍ଲୀ ଓ ବ୍ରହ୍ମପୁରା (ବାଙ୍କୀ) ଟିମ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେଉଥିବା ଆୟୋଜକ କମିଟି ତରଫରୁ ସୂଚନା ଦିଆଯାଇଛି।

## ନୟାଗଡ଼ ଜିଲା ମହୋତ୍ସବ ଉଦ୍‌ଘାଟିତ

# ଲୋକକଳାଙ୍କୁ ଉଜ୍ଜୀବିତ ରଖେ ମହୋତ୍ସବ

ନୟାଗଡ଼ ଅଫିସ, ୨୪।୧୨

**ବଲାଙ୍ଗୀ ପାର୍କକୁ ପୋଷ୍ୟ ପ୍ରକଳ୍ପ ଭାବେ ଗ୍ରହଣ କଲେ ମନ୍ତ୍ରୀ**

ନୟାଗଡ଼ ଖେଳପଡ଼ିଆଠାରେ ନୟାଗଡ଼ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ୨୦୧୯ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରି ନିର୍ମାଣାଧୀନ ବଲାଙ୍ଗୀ ପାର୍କକୁ ପୋଷ୍ୟ ପ୍ରକଳ୍ପ ଭାବେ ଗ୍ରହଣ କରିଥିବା ଘୋଷଣା କରିଥିଲେ। ଭାଷଣ ପ୍ରସଙ୍ଗରେ ସେ କହିଥିଲେ, ଓଡ଼ିଶାରେ ୪୭୧ ଗୋଟି ଲୋକକଳା ରହିଛି। ଓଡ଼ିଶା ରାଜ୍ୟ ଏକ ବୃକ୍ଷ ସଦୃଶ ହେଲେ ଲୋକକଳା ହେଉଛି ଏହାର ଚେର। ଚେରକୁ ଭୁଲିଗଲେ ଗଛ କେତେବେଳେ ଲୋଟି ପଡ଼ିବ। ତେଣୁ ଏହି ଚେରକୁ ସୁଦୃଢ଼ କରି ରଖିବା ହେଉଛି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ତେଣୁ ବିଭିନ୍ନ ସ୍ଥାନରେ ହେଉଥିବା ମହୋତ୍ସବ ଲୋକକଳାକୁ ଉଜ୍ଜୀବିତ ରଖେ ବୋଲି ମନ୍ତ୍ରୀ ପାଣିଗ୍ରାହୀ ପ୍ରକାଶ କରିଥିଲେ। ଜିଲାପାଳ ଡ. ପୋମା ଟୁଡୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାରେ କିପରି କମ୍ ସମ୍ବଳରେ ଭଲ କାର୍ଯ୍ୟକ୍ରମ କରାଯାଉଛି ସେ ନେଇ ବକ୍ତବ୍ୟ ରଖିଥିଲେ। ଜିଲାରେ ପ୍ରାକୃତିକ ଉତ୍ସ ନ ଥିବାବେଳେ ଦୃଢ଼ ମନୋଭାବ ଯୋଗୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିବା ସେ ପ୍ରକାଶ କରିଥିଲେ। ଜିଲାପାଳ ଟୁଡୁ ଜିଲା ମହୋତ୍ସବ ଏକ ଗଣପର୍ବରେ ପରିଣତ ହୋଇଥିବା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି, ଏସ୍‌ପି ଶଶିଭୂଷଣ ଶତପଥୀ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ସାମନ୍ତ ଚନ୍ଦ୍ରଶେଖର ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସାମନ୍ତ ଚନ୍ଦ୍ର ଶେଖର ଅନୁଷ୍ଠାନ ପକ୍ଷରୁ ପଠାଣି ସାମନ୍ତ ଜୟନ୍ତୀ ସମାରୋହ ପାଳନ କରାଯାଇଥିଲା। ଏହି ଅବସରରେ ରଣପୁର ବିଧାୟକ ପ୍ରଧାନଙ୍କୁ ନୟାଗଡ଼ ଗୌରବ, ଏସ୍‌ପି ଶତପଥୀଙ୍କୁ ନୟାଗଡ଼ ବନ୍ଧୁ, ଶିକ୍ଷାବିତ୍ ତଥା ବିଜ୍ଞାନ ସ୍ରଷ୍ଟା ଓଡ଼ିଶା ବିଜ୍ଞାନ ଏକାଡ଼େମୀର ସଭାପତି ଡା. ପ୍ରମୋଦ ଚନ୍ଦ୍ର ମିଶ୍ରଙ୍କୁ ପଠାଣି ସାମନ୍ତ ପ୍ରତିଭା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକଙ୍କୁ ପଠାଣି ସାମନ୍ତ ସାହିତ୍ୟ, ସାହିତ୍ୟିକ ରବି ଶତପଥୀଙ୍କୁ ଦାସିଆ ଅଜା ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ କନ୍ୟା ସନ୍ତାନଙ୍କ ସୁରକ୍ଷା ପାଇଁ ମୋ ଝିଅ ମାସ୍କଟ୍‌କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଜିଲା ମହୋତ୍ସବର ମୁଖପତ୍ର ଆରଣ୍ୟକ ପତ୍ରିକା ଓ ସୁକାନ୍ତି ମହାନ୍ତିଙ୍କ କିଶୋର ଏକାଙ୍କିକା ସଚେତନ ପୁସ୍ତିକାକୁ ଅତିଥିମାନେ ଲୋକାର୍ପିତ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନାୟକ ମଞ୍ଚ ପରିଚାଳନା କରିଥିଲେ। ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ପକ୍ଷରୁ ନୟାଗଡ଼ ବନ୍ଦନା ଗାନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବୁଗୁଡ଼ାର ଯୋଡ଼ି ଶଙ୍ଖ, ରଘୁରାଜପୁରର ଗୋଟିପୁଅ, ରାୟଗଡ଼ାର ଢେମସା ଆଦି ନୃତ୍ୟ ପରିବେଷଣ କରାଯାଇଥିଲା।



ମନ୍ତ୍ରୀ ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।



ନୟାଗଡ଼ ବନ୍ଦନା ପରିବେଷଣ ।

## ଜାତୀୟ ଖାଉଟି ଦିବସ

ନୟାଗଡ଼ ଅଫିସ,୨୪।୧୨

ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ମଙ୍ଗଳବାର ଜାତୀୟ ଖାଉଟି ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତଥା ଖାଉଟି ମଞ୍ଚର ଅଧ୍ୟକ୍ଷ ବିଧାନ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଖାଉଟି ବିବାଦ ସମାଧାନ ମଞ୍ଚର ବିଚାରକ ନାରାୟଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଉଟିମାନେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। କୌଣସି ଜିନିଷ କିଣିବା ବେଳେ ଠକାମିର ଶିକାର ହେଲେ ଖାଉଟି ମଞ୍ଚର ଦ୍ୱାରସ୍ଥ ହେବା ପାଇଁ କହିଥିଲେ। ସେହିଭିଳି ନୂତନ ଆଇନ ବିଷୟରେ ଖାଉଟିମାନଙ୍କୁ ଅବଗତ କରାଇଥିଲେ। ନୟାଗଡ଼ ବୈଧ, ମାପ ଓଜନର ସହକାରୀ ନିୟନ୍ତ୍ରକ ସୁନାକର ଜାନି, ଜିଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ର, ସହକାରୀ ଯୋଗାଣ ଅଧିକାରୀ ଜୟନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ଚନ୍ଦ୍ର ବିଜୟୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## କୁକୁର କାମୁଡ଼ାରେ ୩ ଆହତ
### ଇଞ୍ଜେକ୍‌ଶନ ମିଳୁନଥିବାରୁ ଅସନ୍ତୋଷ

ଖଣ୍ଡପଡା,୨୪।୧୨(ସ୍ୱ.ପ୍ର.)

ଖଣ୍ଡପଡା ସହର ସମେତ ଖଳିସାହି ଓ ଆଖପାଖ ଅଞ୍ଚଳରେ ଗତ ୧ ମାସ ଧରି ପାଗଳ କୁକୁରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଗତ ୭ ଦିନ ମଧ୍ୟରେ ଖଣ୍ଡପଡା ସହରର ୨ ଜଣ ଓ ଖଳିସାହି ଗ୍ରାମର ଜଣେ ଯୁବକ କୁକୁର କାମୁଡାରେ ଆହତ ହୋଇଛନ୍ତି। ଖଣ୍ଡପଡା ସହରର ରଘୁନାଥ ପାଢ଼ୀ(୬୨), ମମତା ସାହୁ(୩୫) ଓ ଖଳିସାହି ଗ୍ରାମର ପ୍ରକାଶ କୁମାର ମହାରଣା(୨୩) ପ୍ରମୁଖ କୁକୁର କାମୁଡାରେ ଆହତ ହୋଇଥିଲେ ହେଁ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡା ଇଞ୍ଜେକ୍‌ଶନ ମିଳୁ ନ ଥିବାରୁ ସେମାନେ ହନ୍ତସନ୍ତ ହେଉଛନ୍ତି। ଏପରିକି ଖଣ୍ଡପଡା ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ କୁକୁର କାମୁଡା ଇଞ୍ଜେକଶନ ଉପଲବ୍ଧ ହେଉ ନ ଥିବାରୁ ରୋଗୀଙ୍କ ସମ୍ପର୍କୀୟମାନେ ବଜାରରୁ ଚଡା ଦାମରେ କୁକୁର କାମୁଡା ଇଞ୍ଜେକଶନ କିଣୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥିପ୍ରତି ନୟାଗଡ ଜଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲାପାଳ ଦୃଷ୍ଟିଦେବାକୁ ଦାବି ହେଉଛି।

## ପେସାଦାର ମତ୍ସ୍ୟଜୀବୀଙ୍କ ଧାରଣା ୨୧ଦିନରେ

କୃଷ୍ଣପ୍ରସାଦ,୨୪।୧୨(ଡି.ଏନ.ଏ.)

ଘେରି ଉଚ୍ଛେଦକୁ ବିରୋଧ କରି ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଚିଲିକା ଦ୍ୱିପାଞ୍ଚଳ ପେସାଦାର ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣା ୨୧ ଦିନରେ ପହଞ୍ଚିଛି। ସରକାରଙ୍କ ଘେରି ଉଚ୍ଛେଦ ନିର୍ଦ୍ଦେଶ କାଗଜପତ୍ରରେ ରହିଯାଇଛି। ପ୍ରଶାସନକୁ ଚିଲିକା ମଧ୍ୟକୁ ଛାଡିବା ପାଇଁ ଆନ୍ଦୋଳନକାରୀ ସୁଯୋଗ ଦେଉନାହାନ୍ତି। ଧାରଣା ଯୋଗୁ ତହସିଲ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି।ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରି ନାହିଁ। ଚିଲିକା ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀଙ୍କୁ ବୁଝାଶୁଝା କରିବାରେ ତହସିଲଦାର ବିଫଳ ହୋଇଥିବାବେଳେ ଜିଲା ପ୍ରଶାସନ ତରଫରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ୩୫ ମୌଜା ପରିଚାଳନା କମିଟିର ସ୍ଥାୟୀ ସଭାପତି ଦାମୋଦର ବିଶ୍ୱାଳଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପେଶାଦାର ମତ୍ସ୍ୟଜୀବୀ ମହାସଂଘ ସଭାପତି କେଲୁ ଚରଣ ଜେନା, ସମ୍ପାଦକ କବିରାଜ ମାଝି, ଦୀନବନ୍ଧୁ ଜେନା, ସୁରେନ୍ଦ୍ର ନାଥ ମାଝି, ଦୁର୍ଗା ଚରଣ ଦାସ, ସୁଧିର ଜେନା, ପ୍ରସନ୍ନ ତରେଇ, ଶ୍ରୀଧର ପଲେଇ ପ୍ରମୁଖ ଯୋଗଦେଇ ଚିଲିକା ଚାଲିଗଲେ ଅଞ୍ଚଳବାସୀ ହଇରାଣ ହେବେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ନୟାଗଡ଼ ଅଫିସ,୨୪।୧୨

ନୟଗାଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରଟିଓ ଲଗ୍ନଜିତ ରାଉତଙ୍କ ତତ୍ତ୍ୱାବଧାନରେ ସହରରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ସମ୍ମୁଖ ଓ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଚାଳକମାନଙ୍କୁ ସଡ଼କ ସୁରକ୍ଷା ନିୟମ ବିଷୟରେ ସଚେତନ କରାଯାଇଥିଲା। ବାଇକ୍‌ରେ ଆସୁଥିବା ଚାଳକମାନଙ୍କୁ ହେଲମେଟ୍ ପିନ୍ଧିବା ଓ କାର ଚାଳକମାନଙ୍କୁ ସିଟ୍ ବେଲ୍ଟ ବାନ୍ଧିବା ପାଇଁ କୁହାଯାଇଥିଲା। ପୁରୁଣା ବସ୍‌ଷ୍ଟାଣ୍ଡଠାରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଯେଉଁ ଚାଳକମାନେ ହେଲମେଟ୍ ଓ ସିଟ୍ ବେଲ୍ଟ ପିନ୍ଧିଥିଲେ ସେମାନଙ୍କୁ ଗୋଲାପ ଫୁଲ ଓ ଚକୋଲେଟ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲାର ବିଭିନ୍ନ ବ୍ଲକ, ତହସିଲ, ଥାନା ଓ ଅନ୍ୟାନ୍ୟ କାର୍ଯ୍ୟାଳୟର କର୍ମଚାରୀଙ୍କୁ ଏ ଦିଗରେ ସଚେତନ କରାଯିବ ବୋଲି ଆର୍‌ଟିଓ ରାଉତ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଭିଆଇ ଶ୍ରୀ ଦାସ ପ୍ରଭାସ କୁମାର ବଗଲା, କନିଷ୍ଠ ଏମ୍‌ଭିଆଇ ପି ଦୁର୍ଗାପ୍ରସାଦ ରାଓ, ଟ୍ରାଫିକ୍ ସବ୍‌ଇନ୍ସପେକ୍ଟର ସ୍ୱୟଂପ୍ରଭା ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ଜଣେ ଚାଳକଙ୍କୁ ଫୁଲ ଓ ଚକୋଲେଟ ପ୍ରଦାନ କରାଯାଉଛି।

## ପଠାଣି ସାମନ୍ତ ସଂଗ୍ରହାଳୟ ପରିଦର୍ଶନ କଲେ ଛାତ୍ରୀଛାତ୍ର

ଖଣ୍ଡପଡା,୨୪।୧୨(ସ୍ୱ.ପ୍ର.)

ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରୀ ନୀଳମାଧବ ପୀଠ, ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ପୀଠ, ଭାପୁର ବ୍ଲକ ଅନ୍ତର୍ଗତ ହନୁମନ୍ତ ପ୍ରସାଦ ଗ୍ରାମସ୍ଥିତ ଶ୍ରୀରାମ ଆଶ୍ରମ, ମା' ନାରାୟଣୀ ପୀଠକୁ ପ୍ରତ୍ୟହ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି। ସେହିପରି ସାରା ରାଜ୍ୟରୁ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଦୈନିକ ଖଣ୍ଡପଡା ସହରସ୍ଥିତ ପଠାଣିସାମନ୍ତ ସଂଗ୍ରହାଳୟକୁ ପରିଦର୍ଶନରେ ଆସୁଛନ୍ତି। ବିଶେଷକରି କଣ୍ଟିଲୋକୁ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ, ଛାତ୍ରୀଛାତ୍ର ଓ ଗବେଷକମାନେ ପ୍ରଭୁ ଶ୍ରୀ ନୀଳମାଧବ ଜୀଉଙ୍କୁ ଦର୍ଶନ କରିବା ପରେ ଖଣ୍ଡପଡାରେ ପହଞ୍ଚି ସାମନ୍ତଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ସଂଗ୍ରହାଳୟ ପରିଦର୍ଶନ କରି ପଠାଣି ସାମନ୍ତ ଜୀବନ ବୃତ୍ତାନ୍ତ, ଜୀବନ ବ୍ୟାପୀ ସାଧନା, କଳାକୃତି ସମ୍ପର୍କରେ ସବିଶେଷ ଜ୍ଞାନ ଆହରଣ କରୁଥିବା ଜଣାଯାଇଛି। ଖୋର୍ଦ୍ଧା ମୁକ୍ତାପୁର ନିକଟସ୍ଥ ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନରହରି ନନ୍ଦ ଓ ବିଜ୍ଞାନ ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗଳବାର ଉକ୍ତ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି।

## ବାଲ୍ୟବିବାହ ବିରୋଧରେ ମାନବ ଶୃଙ୍ଖଳ

ନୟାଗଡ଼ ଅଫିସ,୨୪।୧୨

ନୟାଗଡ଼ ଜିଲା ମହୋତ୍ସବ ପାଳନ ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ମାନବ ଶୃଙ୍ଖଳ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। କନ୍ୟା ଭ୍ରୁଣ ହତ୍ୟା ରୋକିବା, ବାଲ୍ୟ ବିବାହ ବନ୍ଦ କରିବା, କନ୍ୟା ସନ୍ତାନ ସୁରକ୍ଷା ଓ କନ୍ୟାମାନଙ୍କ ଶିକ୍ଷା ନିମନ୍ତେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଜିଲାପାଳ ଡା. ପୋମା ଟୁଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅପରାହ୍ନ ୧୧ଟାରୁ ୧୧ଟା ୧୫ ମଧ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ପିଡି ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଡିଏଫ୍‌ଓ ଧନରାଜ ଏଚ୍‌ଡି, ପୌରପାଳିକା ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟଠାରୁ ପାଖାପାଖି ୨ କିଲୋମିଟର ଦୂର ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଦୁଇ କଡ଼ରେ ବିଭିନ୍ନ କଲେଜ, ସ୍କୁଲର ଛାତ୍ରୀଛାତ୍ର, ସରକାରୀ କାର୍ଯ୍ୟାଳୟର କର୍ମଚାରୀ, ବ୍ୟବସାୟୀ, ଖବରଦାତା ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଜିଲାପାଳ ଟୁଡୁ ଧାଡିରେ ଛିଡ଼ା ହୋଇ ଏହାକୁ ସଫଳ କରାଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ନୟାଗଡ଼ରେ ଧାଡିରେ ଛିଡାହୋଇଥିବା ମନ୍ତ୍ରୀ, ଜିଲାପାଳଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ।

ଗଣିଆ,(ଡି.ଏନ.ଏ.)

ଜିଲା ପ୍ରଶାସନ ଆନୁକୂଲ୍ୟରେ ଗଣିଆ ବ୍ଲକ ପ୍ରଶାସନ ତରଫରୁ ମଙ୍ଗଳବାର ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ୫ଶହରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇ ବାଲ୍ୟବିବାହ ବନ୍ଦ କରିବା, କନ୍ୟାଭ୍ରୂଣ ହତ୍ୟା ବନ୍ଦ କରିବା ସହିତ ବାଲ୍ୟବିବାହର କୁପରିଣତି ସମ୍ପର୍କରେ ସଚେତନତା କରାଇବା ପାଇଁ ଶପଥ ନେଇଥିଲେ । ଏଥିସହିତ ବାଲ୍ୟବିବାହ ହେଉଥିବା ଜାଣିବାକୁ ପାଇଲେ ପ୍ରଧାନଶିକ୍ଷକ, ବାଲ୍ୟବିବାହ ନିଷେଧ ଅଧିକାରୀ, ନିକଟସ୍ଥ ଥାନା ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ଚାଇଲ୍ଡ ଲାଇନ ୧୦୯୮କୁ ଫୋନ କରି ଜଣାଇବାକୁ କହିଥିଲେ । ସିଡିପିଓ ଲକ୍ଷ୍ମୀ ଦାସ ସମସ୍ତଙ୍କୁ ଶପଥପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଲକ ଅଧକ୍ଷ ଶେଷଦେବ ସ୍ୱାଇଁ, ବିଡିଓ ମାନସ ରଞ୍ଜନ ସାମଲ, ଏବିଡିଓ ସରୋଜ କୁମାର ନାୟକ, ସହକାରୀ ତହସିଲଦାର ଅଯୋଧକାନ୍ତ ପ୍ରଧାନ, ଗଣିଆ ଉନ୍ନୟନ କମିଟିର ଅଧକ୍ଷା ଉଷା ପଟ୍ଟନାୟକଙ୍କ ସମେତ ବ୍ଲକ ପ୍ରଶାସନର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

ନୂଆଗାଁ,(ଡି.ଏନ.ଏ.)

ନୟାଗଡ ଜିଲା ନୂଆଗାଁ ବ୍ଲକ ନୂଆଗାଁଠାରେ ମଙ୍ଗଳବାର କନ୍ୟାମାନଙ୍କ ସୁରକ୍ଷା ନିମନ୍ତେ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କନ୍ୟାଭ୍ରୂଣ ହତ୍ୟା ଓ ବାଲ୍ୟବିବାହକୁ ରୋକିବା ପାଇଁ ଜନ ସଚେତନ ସୃଷ୍ଟି ଉଦ୍ଦେଶ୍ୟରେ ନୟାଗଡ ଜିଲା ପ୍ରଶାସନ ତରଫରୁ ନୂଆଗାଁ ବ୍ଲକ ପ୍ରଶାସନ ଦ୍ୱାରା ମାନବଶୃଙ୍ଖଳ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, କଲେଜ ଛାତ୍ରୀ, ନୂଆଗାଁ ମହାବିଦ୍ୟାଳୟ ଅଧ୍ୟାପକ ମହେଶ୍ୱର ପ୍ରଧାନ,ବ୍ଲକର ଅଧିକାରୀ, ନୂଆଗାଁ ଶିଶୁ ବିକାଶ ପ୍ରକଳ୍ପର କର୍ମଚାରୀମାନେ ଯୋଗଦେଇ ବ୍ଲକ କାର୍ଯ୍ୟାଳୟଠାରୁ ବାହାରି ବଜାର ମଧ୍ୟ ଦେଇ ପଞ୍ଚାୟତ ପର୍ଯ୍ୟନ୍ତ ଯାଇଥିଲେ । ନୂଆଗାଁ ବିଡିଓ ଶିରିୟାଲ ଶୁଭ୍ର ପଟେଲ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ନୂଆଗାଁ ଥାନା ପୋଲିସ ସାମିଲ ହୋଇ ସହଯୋଗ କରିଥିଲେ ।



ଗଣିଆରେ ଶପଥ ଗ୍ରହଣ ଅବସରରେ ଅତିଥିମାନେ।

## ପ୍ରତିଭାଦୀପ୍ତ ପଠାଣି ସାମନ୍ତଙ୍କ ପାଇଁ ଦେଶ ଗର୍ବିତ

ଖଣ୍ଡପଡା,୨୪।୧୨(ସ୍ୱ.ପ୍ର.)

ପଠାଣି ସାମନ୍ତ ଏମାଟିର ପ୍ରଚଣ୍ଡ ପ୍ରତିଭା। ଏହି ପ୍ରତିଭା ଦିପ୍ତ ବିଶ୍ୱବିଖ୍ୟାତ୍ ଜ୍ୟୋତିର୍ବିଦ୍ ପଠାଣିସାମନ୍ତଙ୍କ ପାଇଁ ସାରା ଦେଶ ଗର୍ବିତ । ତାଙ୍କୁ ଅନୁସରଣ କରିବା ହିଁ ହେବ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଖଣ୍ଡପଡାର ପୂର୍ବତନ ବିଧାୟକ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ଓଡିଶାର ଉପଦେଷ୍ଟା ଅନୁଭବ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ଖଣ୍ଡପଡା ସହରାଞ୍ଚଳସ୍ଥିତ ସାମନ୍ତ ଚନ୍ଦ୍ର ଶେଖର ସ୍ମୃତି ମନ୍ଦିର ଓ ପାଠାଗାର ପରିସରରେ ଆୟୋଜିତ ପଠାଣି ସାମନ୍ତଙ୍କ ୧୮୫ତମ ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଟ୍ଟନାୟକ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିବା ସହ ସାମନ୍ତଙ୍କ ଯୋଗୁଁ ଖଣ୍ଡପଡା ମାଟି ଆଜି ଧନ୍ୟ ହୋଇଛି ବୋଲି କହିଥିଲେ। ଅନୁଷ୍ଠାନର ସଭାପତି ରତ୍ନାକର ରଥଙ୍କ ପୌରୋହିତ୍ୟରେ ଆୟୋଜିତ ସଭାକୁ ପ୍ରାକ୍ତନ ଏମପି ତଥା ଚଳଚ୍ଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ରୁପେ ଗବେଷକ ଡ. ଗଣେଶ୍ୱର ସ୍ୱାଇଁ ଯୋଗଦେଇ ପଠାଣି ସାମନ୍ତଙ୍କ ପାଣ୍ଡିତ୍ୟର ଭୂୟସି ପ୍ରଶଂସା କରିଥିଲେ । ସମ୍ମାନୀତ ଅତିଥି ଭାବେ ଓଡିଆ ମିଡିଆ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା, ଡ.ସୁଧିରା ପଣ୍ଡା ପ୍ରମୁଖ ଯୋଗଦେଇ ଏହି ମହାନ୍ ବ୍ୟକ୍ତିଙ୍କ ପ୍ରତିଭା ଆମକୁ ସାରା ବିଶ୍ୱ ଦରବାରରେ ପରିଚୟ ଦେଇଥିବାରୁ ତାଙ୍କ ସ୍ମୃତି ଚାରଣରେ ଆମେ ଏହି ମାଟିର ବିକାଶ ପାଇଁ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମକୁ ଅଭିନେତ୍ରୀ ମଧୁମିତା ମହାନ୍ତି ସଂଯୋଜନା କରିଥିଲେ। ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ମାଧ୍ୟମରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନର ସମ୍ପାଦକ ବିନାୟକ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବ୍ୟଙ୍ଗକବି ଗିରିଶ ରଞ୍ଜନ ହାସ୍ୟ ଅଭିନୟ ପରିବେଷଣ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଖଣ୍ଡପଡା ଅଞ୍ଚଳର ପ୍ରତିଭା ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଅତିଥି ଉପଢୌକନ ଓ ମାନପତ୍ର ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ।ଏହି ଅବସରରେ ଭୁବନେଶ୍ୱର ବିନାୟକ ମ୍ୟୁଜିକ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରାତଃ ସମୟରେ ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । କାର୍ଯ୍ୟକାରୀ ସଭାପତି ବିନାୟକ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ସେହିପରି ଖଣ୍ଡପଡା ସହରର ସାମନ୍ତ ଛକରେ ପଠାଣି ସାମନ୍ତଙ୍କ ଜୟନ୍ତୀ ପାଳନ ଅବସରରେ ଦିନ ତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ଖଣ୍ଡପଡ଼ାରେ ପଠାଣି ସାମନ୍ତଙ୍କ ୧୮୫ ତମ ଜୟନ୍ତୀ**

